## ଟ୍ରକ୍ ହେଲ୍‌ପରଙ୍କ ମୃତ୍ୟୁ

ଖଇରା, (ଡି.ଏନ.ଏ.)-ଗାଡିରେ ହେଲପର ଭାବେ ଜୀବିକା ନିର୍ବାହ କରୁଥିବା ବାଲେଶ୍ୱର ଜିଲା ଖଇରା ବଜାର ସଂଲଗ୍ନ ଆଳଦା ଗ୍ରାମର ଗୌତମ ବେହେରା(୩୯) ଗୁରୁବାର ଟ୍ରକରେ ଆସୁଥିବା ବେଳେ ପ୍ରାଣ ହରାଇଛନ୍ତି । ତାଳଚେରରୁ ମାଲ ବୋଝେଇ କରି ଆସିଥିବା ବେଳେ ଅସହ୍ୟ ଗୁଳୁଗୁଳି ଯୋଗୁ ସୁକିନ୍ଦା ନିକଟରେ ଅଚେତ ହୋଇପଡିଥିଲେ । ଡ୍ରାଇଭରଙ୍କ ସହାୟତାରେ ତାଙ୍କୁ ସ୍ଥାନୀୟ ମେଡିକାଲକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଅଂଶୁଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି ।

## ସଂକ୍ଷେପରେ

### ଅଲ୍‌ଟ୍ରାସାଉଣ୍ଡ ମେଶିନ ସିଲ୍ କଲେ ସ୍ୱାସ୍ଥ୍ୟ ଅଧିକାରୀ



ଜଳେଶ୍ୱର, ୧୦।୬(ଡି.ଏନ.ଏ.)-ବାଲେଶ୍ୱର ଜିଲା ଜଳେଶ୍ୱର ପୁରୁଣା କୋର୍ଟ ବଜାରସ୍ଥିତ ସୁରକ୍ଷା ନର୍ସିଂହୋମରେ ଥିବା ରେଡିଓଲୋଜି ବିଭାଗରେ ଥିବା ବେଆଇନ ଅଲଟ୍ରାସାଉଣ୍ଡ ମେଶିନ୍‌କୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସିଲ୍ କରାଯାଇଛି । ତିନି ମହଲା ବିଶିଷ୍ଟ ଉକ୍ତ ନର୍ସିଂହୋମରେ ଅଗ୍ନି ନିରାପତ୍ତା ସାର୍ଟିଫିକେଟ ନ ଥିବା ବେଳେ ପ୍ରଶାସନର ନାକ ତଳେ ଏହା କିପରି ଖୁଲମ୍‌ଖୁଲା ଚାଲୁ ରହିଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ଏହି ନର୍ସିଂହୋମ ତ୍ରୁଟିପୂର୍ଣ୍ଣ ରୋଗୀସେବା ନେଇ ବିବାଦରେ ରହିଆସିଛି। ସେଠାରେ କେତେକ ରୋଗୀ ରହିଥିବାରୁ ପୂରା ନର୍ସିଂହୋମ୍‌କୁ ବନ୍ଦ କରା ନ ଯାଇ କେବଳ ଅଲଟ୍ରାସାଉଣ୍ଡ ମେଶିନ୍ ସିଲ କରାଯାଇଛି। ଗୁରୁବାର ଅପରାହ୍ନରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଏଡିଏମ୍ ଡା. ଶଶାଙ୍କ ଶେଖର ଚୌଧୁରୀ, ଏଲ୍‌ଆଇଇଏସ୍ ମାନସ ରଞ୍ଜନ ବିଶ୍ୱାଳ, ଡିପିଏମ୍ (ଏନ୍.ଏଚ୍.ଏମ୍) ଅନୀଲ କୁମାର ମହାନ୍ତି, ତହସିଲଦାର ସ୍ମିତିରଞ୍ଜନ ମଲ୍ଲିକ, ସିଡିପିଓ ନିହାରିକା ମହାନ୍ତି, ଆଇଆଇସି ରୋଜାଲିନ୍ ବେହେରା, ସୁପରଭାଇଜର ଶୁଭେନ୍ଦୁ ସାହୁ, ଆର୍‌ଆଇ ଦିଲୀପ ଚନ୍ଦ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ବ୍ୟବସାୟୀଙ୍କ ଘରେ ଜିଏସ୍‌ଟି ଚଢ଼ାଉ

କେନ୍ଦୁଝର,୧୦।୬(ସ୍ୱ.ପ୍ର.): କେନ୍ଦୁଝରଗଡ଼ ପୌରପାଳିକାର ପୂର୍ବତନ ଅଧକ୍ଷ ତଥା ବ୍ୟବସାୟୀ ସରୋଜ କୁମାର ସାହୁଙ୍କ ରିଦ୍ଧିସିଦ୍ଧି ଅଫିସ ଓ ଅନ୍ୟାନ୍ୟ ସ୍ଥାନରେ ଶୁକ୍ରବାର କେନ୍ଦ୍ରୀୟ ଜିଏସ୍‌ଟି (ଇଣ୍ଟେଲିଜେନ୍ସ) ପକ୍ଷରୁ ଚଢ଼ାଉ ଜାରି ରହିଛି। ସେ ଜଣେ ପୂର୍ବତନ ବିଧାୟକଙ୍କ ଅନୁଗତ। ପୋଲିସ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଚଢ଼ାଉ ଚାଲିଥିବା ସୂଚନା ମିଳିଛି। ତେବେ ଜିଏସ୍‌ଟି ଫାଙ୍କି ଅଭିଯୋଗରେ ଏହି ଚଢ଼ାଉ ଚାଲିଥିବା କୁହାଯାଉଥିଲେ ହେଁ କ'ଣ ଅନିୟମିତତା ହୋଇଛି ତାହା ଜଣାପଡ଼ିନାହିଁ। ଭୁବନେଶ୍ୱରରୁ ପ୍ରାୟ ୬ଟି ଗାଡ଼ିରେ ଅଧିକାରୀମାନେ ଆସି ତାଙ୍କ ମାଧପୁର ସ୍ଥିତ ଅଫିସ ତଥା ଅନ୍ୟାନ୍ୟ ସ୍ଥାନରେ ସକାଳୁ ଏହି ଚଢ଼ାଉ ଜାରି ରଖିଛନ୍ତି।

### ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଜଳିଗଲା ୬ ବଖରା

ଭଣ୍ଡାରିପୋଖରୀ,୧୦।୬-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ପାଟୁଳି ପଞ୍ଚାୟତ ମୋବାରକପୁର ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୬ ବଖରା ଘର ଜଳିଯାଇଛି। ସୂଚନା ଅନୁଯାୟୀ, ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଗ୍ରାମର ବିଜୟ ନାୟକଙ୍କ ଘରେ ନିଆଁ ଲାଗିଥିଲା। ନିକଟରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଥିଲେ ହେଁ ଏବି ସୁଇଚ୍ ନ ଥିବାରୁ କେହି ଲାଇନ କାଟିପାରି ନ ଥିଲେ। ଅଗ୍ନିକାଣ୍ଡ ସମୟରେ ତାଙ୍କ ଘରେ ଥିବା ଏକ ଗ୍ୟାସ୍ ଟାଙ୍କି ଫାଟିଯାଇଥିଲା। ପଡ଼ୋଶୀ ଘର ମଧ ପ୍ରଭାବିତ ହୋଇଥିବା ଜଣାଯାଇଛି। ଖବର ପାଇ ଭଣ୍ଡାରିପୋଖରୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି। ୬ ବଖରା କଚ୍ଚାଘର ଜଳି ଯାଇଥିବା ବେଳେ ରାତି ହୋଇଥିବାରୁ କ୍ଷୟକ୍ଷତିର ଠିକ୍ ଆକଳନ ହୋଇପାରି ନାହିଁ।

# ପରିଚୟ ହରାଉଛି ରାଜାବନ୍ଧ

**ମୋରଡା,୧୦।୬(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ହଳଦୀପାଳ ପଞ୍ଚାୟତ ଅନ୍ତର୍ଗତ ଚିତ୍ରଡ଼ା-ଅମର୍ଦା ରାଜ୍ୟ ରାଜପଥ କଡ଼ରେ ଥିବା ରାଜା ରାଜୁଡ଼ା ଅମଳର ରାଜା ବନ୍ଧ ପ୍ରଶାସନିକ ଅବହେଳା ଯୋଗୁ ପରିଚୟ ହରାଇବାକୁ ବସିଛି। ୧୨୫ ଏକରରୁ ଊର୍ଦ୍ଧ୍ୱ ପରିସୀମା ବିଶିଷ୍ଟ ଏହି ବନ୍ଧ ପ୍ରାୟ ୩୦୦ ହେକ୍ଟରରୁ ଅଧିକ ଚାଷ ଜମିକୁ ପାଣି ଯୋଗାଉଥିଲା। ଏହି ବନ୍ଧର ପାଣି ବ୍ୟବହାର କରି ଚାଷୀମାନେ ଉଭୟ ଖରିଫ ଓ ରବି ଋତୁରେ ଧାନ ସହିତ ଅନ୍ୟାନ୍ୟ ଚାଷ କାର୍ଯ୍ୟ କରି ସନ୍ତୁଷ୍ଟ ହେଉଥିଲେ। କିନ୍ତୁ ଦୁଃଖର ବିଷୟ, ବିଗତ କିଛି ବର୍ଷ ହେବ ଚାଷ କାର୍ଯ୍ୟ ପାଇଁ ବର୍ଷା ଜଳ ହିଁ ଭରସା ପାଲଟିଛି। ଦିନକୁ ଦିନ ବନ୍ଧ ପୋତି ହୋଇଯାଉଛି। ଯାହା ଫଳରେ ପୂର୍ବ ଭଳି ବନ୍ଧରେ ଅଧିକ ଜଳ ସଂରକ୍ଷଣ ହେଉନାହିଁ। ତେଣୁ ଅଧିକାଂଶ ଚାଷଜମିକୁ ପାଣି ପହଞ୍ଚି ପାରୁନାହିଁ। ଯାହାର ପରିଣାମ ଚାଷୀମାନେ ଭୋଗୁଛନ୍ତି। ସେହିପରି ବନ୍ଧଟି ଏବେ ଦଳରେ ଭର୍ତ୍ତି ହୋଇ ଯାଇଥିବାରୁ



ଦଳ ଭର୍ତ୍ତି ହୋଇ ପଡ଼ିଥିବା ରାଜାବନ୍ଧ।

ସାଧାରଣ ଲୋକେ ଗାଧୋଇବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ବନ୍ଧର ପୁନଃରୁଦ୍ଧାର ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ତେବେ ବନ୍ଧର ପୁନଃରୁଦ୍ଧାର ପାଇଁ ପ୍ରଶାସନଠାରୁ ଆରମ୍ଭ କରି ରାଜନେତାଙ୍କ ପର୍ଯ୍ୟନ୍ତ ଏକାଧିକ ଥର ଲିଖିତ ଭାବେ ଅଞ୍ଚଳବାସୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଦାବି କରିଥିଲେ ମଧ ସେମାନଙ୍କ କିଛି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ହଳଦୀପାଳ ସରପଞ୍ଚ ମାଳତୀ ମାରାଣ୍ଡି କହିଛନ୍ତି ଯେ, ରାଜା ବନ୍ଧ ଧୀରେ ଧୀରେ ତାର ଅସ୍ତିତ୍ୱ ହରାଇବାକୁ ବସିଲାଣି। ତେଣୁ ରାଜ୍ୟ ସରକାର ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବନ୍ଧର ପୁନଃରୁଦ୍ଧାର କଲେ ଚାଷୀମାନେ ଉପକୃତ ହୋଇପାରିବେ । ସେହିପରି ସମିତି ସଭ୍ୟ ତନୟ ଦାସ

### ପୁନରୁଦ୍ଧାର ଦାବି

କୁହନ୍ତି, ରାଜା ବନ୍ଧର ପୁନଃରୁଦ୍ଧାର ନ ହେଲେ ଆଉ କିଛି ବର୍ଷ ଭିତରେ ଏହା ଏକ ନାଳରେ ପରିଣତ ହୋଇଯିବ। ସେପଟେ ବନ୍ଧର ପୁନଃରୁଦ୍ଧାର ସହିତ ବନ୍ଧ କୂଳରେ ଥିବା ମା'ଦୁଆରଶୁଣୀଙ୍କ ପୀଠର ମଧ ଉନ୍ନତିକରଣ କରାଗଲେ ପୀଠକୁ ଭକ୍ତଙ୍କ ସୁଅ ଛୁଟିବ। ଜିଲାର ଅଗ୍ରଣୀ ଅଣରାଜନୈତିକ ସଂଗଠନ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ବନ୍ଧର ପୁନଃରୁଦ୍ଧାର ଆଲୋକୀକରଣ ବ୍ୟବସ୍ଥା ଓ ଜଳାଶୟରେ ବୋଟିଂର ବ୍ୟବସ୍ଥା କରାଗଲେ ଏହା ଏକ ସୁନ୍ଦର ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇପାରିବ। ଆଗାମୀ ଦିନରେ ପ୍ରଶାସନ ଯଦି ବନ୍ଧର ଉନ୍ନତି ଦିଗରେ କୌଣସି ପଦକ୍ଷେପ ନ ନିଏ ତେବେ ଭଞ୍ଜସେନା ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ମୋରଡା ବ୍ଲକ ଭଞ୍ଜସେନା ସଭାପତି ପରିତୋଷ ବାରିକ କହିଛନ୍ତି।

## ପ୍ରାର୍ଥିପତ୍ର ଯାଞ୍ଚ ବେଳେ କାଗଜପତ୍ର ଛଡ଼ାଇନେଲେ ଦୁର୍ବୃତ୍ତ

**ଧାମନଗର, ୧୦।୬(ସ୍ୱ.ପ୍ର.)**

ଭଦ୍ରକ ଜିଲା ଧାମନଗର ସେବା ସମବାୟ ସମିତିରେ ଆସନ୍ତା ୨୬ ତାରିଖରେ ନିର୍ବାଚନ ହେବ। ଶୁକ୍ରବାର ପ୍ରାର୍ଥିପତ୍ର ଯାଞ୍ଚ ଚାଲିଥିବା ସମୟରେ ଦୁର୍ବୃତ୍ତମାନେ ସମିତି କାର୍ଯ୍ୟାଳୟରେ ପଶି ନିର୍ବାଚନ ଅଧିକାରୀଙ୍କଠାରୁ କାଗଜପତ୍ର ଛଡ଼ାଇ ନେଇଛନ୍ତି। ଏନେଇ ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାବେଳେ ଥାନାରେ ଏତଲା ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ନିର୍ଦ୍ଧାରିତ ସମୟ ଅନୁସାରେ ଶୁକ୍ରବାର ପୂର୍ବାହ୍ନରେ ସମିତି କାର୍ଯ୍ୟାଳୟର ଉଭୟ ଫାଟକ ବନ୍ଦ କରି ନିର୍ବାଚନ ଅଧିକାରୀ ବିକ୍ରମ କୁମାର ସାହୁ ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲେ। ହଠାତ୍ ୪ଜଣ ବ୍ୟକ୍ତି ରସିଦ୍ କାଟିବା ବାହାନାରେ ସମ୍ପାଦକଙ୍କୁ ମୁଖ୍ୟ ଫାଟକ ଖୋଲିବା ପାଇଁ କହିଥିଲେ। କିନ୍ତୁ ସମ୍ପାଦକ ମୁଖ୍ୟ ଫାଟକ ନ ଖୋଲି ପଛପଟେ ଥିବା ଫାଟକ ଖୋଲିବା ପରେ ସେମାନେ କାର୍ଯ୍ୟାଳୟକୁ ଧସେଇ ପଶିଥିଲେ। ଯାଞ୍ଚ ପାଇଁ ଥିବା ସମସ୍ତ କାଗଜପତ୍ର ଓ ଦାଖଲ ହୋଇଥିବା ପ୍ରାର୍ଥିପତ୍ରକୁ ଛଡ଼ାଇ ନେଇ ସେଠାରୁ ପଳାଇ ଯାଇଥିଲେ। ଖବର ପାଇ ଧାମନଗର ପୋଲିସ ପହଞ୍ଚି ସିସିଟିଭିକୁ ଯାଞ୍ଚ କରି ତଦନ୍ତ ଜାରି ରଖିଛି। ପରେ ନିର୍ବାଚନ ଅଧିକାରୀ ସାହୁ ଏବଂ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ନୂତନ ସମ୍ପାଦକ ଅରୁଣ ଉଦୟ ପାତ୍ର ଏନେଇ ଥାନାରେ ଏତଲା ଦେଇଛନ୍ତି।



ଧାମନଗର ସମବାୟ ସମିତିରେ ପୋଲିସର ତଦନ୍ତ।

## ଫିଟ୍ ଇଣ୍ଡିଆ ଫ୍ରିଡମ ରାଇଡର ସାଇକେଲ ରାଲି




ବାହାରିଥିବା ସାଇକେଲ ଶୋଭାଯାତ୍ରା।

**ଭଦ୍ରକ ଅଫିସ, ୧୦।୬**

ଭଦ୍ରକ ଇଛାପୁରସ୍ଥିତ ଡିଏଭି ମଦନ ମୋହନ ପବ୍ଲିକ ସ୍କୁଲ ପରିସରରେ ଫିଟ୍ ଇଣ୍ଡିଆ ଫ୍ରିଡମ ରାଇଡର ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧକ୍ଷା ରତ୍ନପର୍ଣ୍ଣା ସାହୁ ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ନିଜେ ସାଇକେଲ ଶୋଭାଯାତ୍ରାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବିଦ୍ୟାଳୟର ଶାରୀରିକ ବିଭାଗ ପ୍ରମୁଖ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ରାଲିରେ ଛାତ୍ରୀଛାତ୍ର ଓ ଶିକ୍ଷକ ପୋଲିସ ସହାୟତାରେ ୭ କି.ମି. ପରିକ୍ରମା କରି ନିଜେ ସୁସ୍ଥ ରହିବା ସହ ସମାଜ ଓ ପରିବେଶ ସୁସ୍ଥ ରଖିବାକୁ ବାର୍ତ୍ତା ଦେଇଥିଲେ। ଶିକ୍ଷକ ବିଚିତ୍ରାନନ୍ଦ ନାଥ, ଭାଗବତ ପାଢ଼ୀ, ନରୋତ୍ତମ ପାଣିଗ୍ରାହୀଙ୍କ ସହ ଛାତ୍ର ଅଂଶୁମାନ ଖୁଣ୍ଟିଆ, ଅଂଶୁମାନ ସେନାପତି, ଅଭିଷେକ ସ୍ୱାଇଁ, ବନଜ ତ୍ରିପାଠୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ଗ୍ରୀଲ୍ ତାଡ଼ି ଟଙ୍କା, ସୁନା ଲୁଟିନେଲେ

**ପାଟଣା,୧୦।୬(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଖଜୁରୀ ପାଟ ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମର ହରିଶ୍ଚନ୍ଦ୍ର ମହାନ୍ତଙ୍କ ଘରେ ଭଡାରେ ରହୁଥିବା ନାରାୟଣ ମହାନ୍ତଙ୍କ ଘରୁ ଶୁକ୍ରବାର ଦିନ ଦ୍ୱିପହରରେ ଲୁଟ୍ ହୋଇଛି। ଘରେ କେହି ନ ଥିବା ସମୟରେ ଗ୍ରୀଲ ତାଡି ଝିଅ ବାହାଘର ପାଇଁ ରଖା ଯାଇଥିବା ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି ଲୁଟେରା। ସେହିପରି ଶ୍ୟାମ ସୁନ୍ଦରପୁରର ଟଙ୍କଧର ମହାନ୍ତଙ୍କ ଆଲମୀରା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ୪୦ ହଜାର ଟଙ୍କା ଲୁଟି ନେଇଛନ୍ତି। ତେବେ ଲୁଟ୍ ପରେ ଲୁଟେରା ରାମଚନ୍ଦ୍ରପୁରରେ ଭୁଲବଶତଃ ଲୁଟେରାମାନେ ସେମାନଙ୍କର ଏକ ମୋବାଇଲଫୋନ ଛାଡ଼ି ପଳାଇଛନ୍ତି। ଯାହାକି ଲୁଟେରାମାନଙ୍କୁ ଧରିବାରେ ପୋଲିସକୁ ସାହାଯ୍ୟ କରିବ ବୋଲି ଆଲୋଚନା ହେଉଛି। ଏନେଇ ତୁରୁମୁଙ୍ଗା ଥାନାରେ ୨ ଟି ପୃଥକ ମାମଲା ରୁଜୁ ହୋଇଛି। ଲୁଟେରାଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଛାନଭିନ ଚଳାଇଛି।

# ପ୍ରତିଷ୍ଠା ହେବ ଛଉନୃତ୍ୟ ଗବେଷଣା କେନ୍ଦ୍ର

**ବାରିପଦା ଅଫିସ,୧୦।୬**

ବିଶ୍ୱ ପ୍ରସିଦ୍ଧ ଛଉ ନୃତ୍ୟ ନିମନ୍ତେ ମୟୂରଭଞ୍ଜ ଜିଲା ବାରିପଦାଠାରେ ଆଞ୍ଚଳିକ ଛଉ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେବା ନେଇ ସବୁଜ ସଙ୍କେତ ମିଳିଛି। ଏନେଇ ମୟୂରଭଞ୍ଜ ଛଉ ନୃତ୍ୟ ପ୍ରତିଷ୍ଠାନ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଛଉ ଫୋରମର ସଭାପତି କମଳେନ୍ଦୁ ମହାନ୍ତ ସୂଚନା ଦେଇଛନ୍ତି। ଆସନ୍ତା ୧୨ତାରିଖରେ ଏ ନେଇ କେନ୍ଦ୍ରର ଏକ ପ୍ରତିନିଧି ଦଳ ରାଜ୍ୟ ଟିମ୍ ସହିତ ଜିଲା ଗସ୍ତରେ ଆସି ସ୍ଥିତି ପରଖିବେ। ଛଉ ନୃତ୍ୟ ଓ କଳାକାରମାନଙ୍କ ସମ୍ବନ୍ଧରେ ତଥ୍ୟ ସଂଗ୍ରହ ପୂର୍ବକ ଭାବ ବିନିମୟ କାର୍ଯ୍ୟକ୍ରମ ରହିଥିବା ଛଉ ଫୋରମର ସଭାପତି ମହାନ୍ତ ପ୍ରକାଶ କରିଛନ୍ତି।

ମୟୂରଭଞ୍ଜ ଛଉ ସହିତ ଷଢେଇକଳା ଓ ପୁରୁଲିଆ ଛଉ ନୃତ୍ୟକୁ ନେଇ ହୋଇଥିବା ଗବେଷଣା

### ମିଳିଲା ସବୁଜ ସଙ୍କେତ

କେନ୍ଦ୍ରର ମୁଖ୍ୟାଳୟ ଝାଡ଼ଖଣ୍ଡ ରାଜ୍ୟ ଚନ୍ଦନକିଆରୀରେ ରହିଛି। ତେବେ ଏକ ଆଞ୍ଚଳିକ ଗବେଷଣା କେନ୍ଦ୍ର ବାରିପଦାରେ ପ୍ରତିଷ୍ଠା କରାଯିବା ନେଇ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲା । ଉଭୟ ଟିମ୍‌ର ମିଳିତ ଅନୁଧ୍ୟାନ ପରେ ଏହି ଦାବି ପୂରଣ ହେବାକୁ ଯାଉଥବାରୁ ଛଉ କଳାକାରଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ରାଜତନ୍ତ୍ର ପରେ ଜିଲାରେ ମୟୂରଭଞ୍ଜ ଛଉ ନୃତ୍ୟ ପ୍ରତିଷ୍ଠାନ ଆରମ୍ଭ ହୋଇଥିଲା। ଜିଲାରେ ୨୧୦ଟି ଛଉନୃତ୍ୟ ପ୍ରତିଷ୍ଠାନ ରହିଛି । ଉକ୍ତ ପ୍ରତିଷ୍ଠାନ ଗୁଡିକରେ ଥିବା ନୃତ୍ୟ ଓ ବାଦ୍ୟ କଳାକାରମାନଙ୍କୁ ଉତ୍ତମ ତାଲିମ ପ୍ରଦାନ କରିବା ନିମନ୍ତେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ ୩ମାସ ପୂର୍ବେ ଜିଲା ଗସ୍ତରେ ଆସି ଛଉ ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କ ସହ ଆଲୋଚନା ପୂର୍ବକ ସମୀକ୍ଷା କରିଥିଲେ । ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ବାରିପଦାରେ ଏକ ତାଲିମ କେନ୍ଦ୍ର ଖୋଲିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ। ପରେ ଗତ ୨ତାରିଖରେ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଓ ଓଡ଼ିଆ ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ କୁମାର ରଥ ଯୋଗଦେଇ ଛଉ ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ବାରିପଦା ଦକ୍ଷିଣ ସାହି ଛଉ ନୃତ୍ୟ ପ୍ରତିଷ୍ଠାନର ସମ୍ପାଦକ ଲଡୁକେଶ୍ୱର ରଣାଙ୍କ ଆବାହକତ୍ୱ ତଥା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନୃତ୍ୟ ଶିଳ୍ପୀ ଲୋକନାଥ ଦାସ,ଉତ୍ତରସାହି ଛଉ ନୃତ୍ୟ ପ୍ରତିଷ୍ଠାନର ସଭାପତି ଦିଲ୍ଲୀପ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଭାଉଜଙ୍କୁ ମରଣାନ୍ତକ ଆକ୍ରମଣ

**ସୋର, ୧୦।୬(ଡି.ଏନ.ଏ.)**

ସୋର ବ୍ଲକ ଜଡ଼ିଦା ପଞ୍ଚାୟତ ରୋଷ ଗ୍ରାମର ଜଣେ ମହିଳା ଘର ଝାଡୁଥିବା ବେଳେ ତାଙ୍କ ଦିଅରଙ୍କ ଜୋତାରେ ଧୂଳି ପଡ଼ିଯାଇଥିଲା । ଏଥିରେ ଉତ୍ୟକ୍ଷିପ୍ତ ହୋଇ ଦିଅର ଏବଂ ଜା' ମହିଳାଙ୍କୁ କାଠଫାଳିଆରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ମହିଳାଜଣଙ୍କୁ ଗୁରୁତର ଅବସ୍ଥାରେ ସୋର ଡାକ୍ତରଖାନାରୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି।

ଏହି ଗ୍ରାମର ଶଶିକାନ୍ତ ରଣାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ଶୁକ୍ରବାର ସକାଳ ୬ଟାରେ ଘର ଝାଡୁ ମାରୁଥିବା ବେଳେ ତାଙ୍କ ଦିଅର ଗୟାଧର ରଣାଙ୍କ ଜୋତାରେ ଧୂଳି ପଡ଼ିଯାଇଥିଲା। ଏହି ସାମାନ୍ୟ ଘଟଣାକୁ ନେଇ ଦିଅର ଭାଉଜଙ୍କ ମଧ୍ୟରେ ଝଗଡ଼ା ଲାଗିବାରୁ ଗୟାଧରଙ୍କ ସ୍ତ୍ରୀ ମଧ ଏହି ଝଗଡାରେ ସାମିଲ ହୋଇଥିଲେ। ସେମାନେ ଲକ୍ଷ୍ମୀପ୍ରିୟାଙ୍କୁ ଏକ କାଠ ଫାଳିଆରେ ମୁଣ୍ଡରେ ନିସ୍ଥୁକ ପିଟିବା ସହିତ ତଳେ ପକାଇ ବିଧା ଗୋଇଠା ମାରି ଗୁରୁତର କରିଥିଲେ। ଲକ୍ଷ୍ମୀପ୍ରିୟାଙ୍କ ସ୍ୱାମୀ ଶଶିକାନ୍ତ ଘରେ ନ ଥିବାରୁ ତାଙ୍କୁ ପଡ଼ୋଶୀ ଏବଂ ସମ୍ପର୍କୀୟମାନେ ସୋର ଡାକ୍ତରଖାନାକୁ ଆଣି ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଅଧିକ ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଅଭିଯୋଗ ପାଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଲେଉଟିଲା କରୋନା, ୨ ଆକ୍ରାନ୍ତ

**କେନ୍ଦୁଝର, ୧୦।୬ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ଲେଉଟିଲା କରୋନା। ଗତ ୨୪ ଘଣ୍ଟା ମଧ୍ୟରେ ବଡ଼ବିଲ ପୌରାଞ୍ଚଳର ୧୪ ନଂ. ୱାର୍ଡରେ ଜଣେ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତ ସଂଖ୍ୟା ୨ରେ ପହଞ୍ଚିଛି। ତେବେ ଅଦ୍ୟାବଧି ଜିଲାରେ ସମୁଦାୟ ୨୪,୨୬୬ ଜଣ ଆକ୍ରାନ୍ତ ହୋଇଥିବା ବେଳେ ୧୯୩ ଜଣଙ୍କ ମୃତ୍ୟୁ ହୋଇଛି। ଅବଶିଷ୍ଟ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

## ୧୮ରେ ଟେବୁଲ ଟପ୍ ଅଭ୍ୟାସ

### ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି

**ଭଦ୍ରକ ଅଫିସ, ୧୦।୬**

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଗୁରୁବାର ଭଦ୍ରକ ଜିଲାପାଳ ତ୍ରିଲୋଚନ ମାଝିଙ୍କ ଅଧକ୍ଷତାରେ ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଏପିଡି କୁଶଳ ଚନ୍ଦ୍ର ନାଏକ, ଉପଜିଲାପାଳ ମନୋଜ ପାତ୍ରଙ୍କ ସହ ସମସ୍ତ ବିଡିଓ, ସମ୍ପୃକ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ବୈଠକରେ ଯୋଗ ଦେଇଥିଲେ। ଜିଲାରେ ଥିବା ୧୧୦ ଆଶ୍ରୟସ୍ଥଳୀରେ ଆସନ୍ତା ୧୮ ତାରିଖରେ ଟେବୁଲ ଟପ୍ ଅଭ୍ୟାସ ଓ ୧୯ରେ ମକ୍‌ଡ୍ରିଲ ପ୍ରଦର୍ଶନ କାର୍ଯ୍ୟକ୍ରମ ନେଇ ଯୋଜନା ପ୍ରସ୍ତୁତ କରିବାକୁ




ବୈଠକରେ ଜିଲାପାଳ ତ୍ରିଲୋଚନ ମାଝିଙ୍କ ସହ ଅନ୍ୟ ଅଧିକାରୀମାନେ।

ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବ୍ଲକସ୍ତରୀୟ ନୋଡାଲ ଅଧିକାରୀ ଭାବେ ବିଡିଓମାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପାଇଁ ୧୩ତାରିଖ ସୁଦ୍ଧା ବ୍ଲକସ୍ତରରେ ପ୍ରସ୍ତୁତି ବୈଠକ ଶେଷ ହେବ। ନଦୀବନ୍ଧ ଓ ଡ୍ରେନେଜ ସବୁର ସ୍ଥିତାବସ୍ଥା ନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଇଛି। ଜିଲା ଜରୁରିକାଳୀନ ଅଧିକାରୀ ମନୋରମା ଜାଲି ଏହି ବୈଠକ ଆୟୋଜନରେ ସହଯୋଗ କରିଥିଲେ।

# ରଥଯାତ୍ରା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ

**ନୀଳଗିରି, ୧୦।୬(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସମ୍ମିଳନୀ କକ୍ଷରେ ଚଳିତବର୍ଷ ତୃତୀୟ ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଘୋଷଯାତ୍ରା ପାଳନ ଲାଗି ଶୁକ୍ରବାର ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କ ଅଧକ୍ଷତାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ପଞ୍ଚାୟତ ସମିତି ଅଧକ୍ଷା ଶୁଭଲକ୍ଷ୍ମୀ ମାଝି, ଏନ୍‌ଏସି ଅଧକ୍ଷା ଅମ୍ବିକା ଦାସ, ତହସିଲଦାର ଅଶେଷ କୁମାର ନାୟକ, ଏସ୍‌ଡିପିଓ ରିତେଷ କୁମାର ମହାପାତ୍ର, ଏଆରଟିଓ ବାଲେଶ୍ୱର ପିକେ ଭଞ୍ଜ, ଏସ୍‌ଡିଏମ୍‌ଓ ଡ. ସରୋଜିନୀ ପ୍ରଧାନ ମଞ୍ଚାସୀନ ଥିଲେ। ବିଭିନ୍ନ ବିଭାଗୀୟ ପଦାଧିକାରୀ ଏବଂ ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପ୍ରସ୍ତୁତି ବୈଠକ ଆରମ୍ଭ ହୋଇଥିଲା।

ପ୍ରଥମେ ଜଗନ୍ନାଥ ମହାପ୍ରଭୁଙ୍କ ସେବକ ହରିବନ୍ଧୁ କରଙ୍କ ସ୍ତୋତ୍ର ଗାନ ପରେ ପରେ ଆଲୋଚନା ଆରମ୍ଭ ହୋଇଥିଲା। ମହାମାରୀ କରୋନା ଯୋଗୁ ଦୁଇବର୍ଷ ରଥଯାତ୍ରା ହୋଇପାରି ନ ଥିବା ବେଳେ ଚଳିତବର୍ଷ ହେବାକୁ ଯାଉଥିବାରୁ ବହୁସଂଖ୍ୟାରେ ଭକ୍ତଙ୍କ ସମାଗମ ହେବ ବୋଲି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। କରୋନା ବେଳେ ପ୍ରଶାସନ ନିର୍ଦ୍ଦେଶକ୍ରମେ ମନ୍ଦିର ପରିଚାଳନା କମିଟି ସହାୟତାରେ ରୀତିନୀତି ଅନୁଯାୟୀ ମନ୍ଦିର ପରିସରରେ ବିନା ଭକ୍ତରେ ଯାତ୍ରା କରାଯାଇଥିଲା। ବୈଠକ ବିଶେଷ କରି ଜଗନ୍ନାଥ ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣ, ରଥ ଉପରେ ଅବସ୍ଥାପିତ ବ୍ୟକ୍ତିବିଶେଷ, ପ୍ରବଚକ, ଆଇନଶୃଙ୍ଖଳା, ପାନୀୟଜଳ ବ୍ୟବସ୍ଥା, ପରିମଳ, ଡ୍ରେନେଜ୍, ବିଦ୍ୟୁତ୍ ବ୍ୟବସ୍ଥା, ଅବକାରୀ, ଅସ୍ଥାୟୀ ଚିକିତ୍ସା କେନ୍ଦ୍ର, ସୂଚନା କେନ୍ଦ୍ର, ଯାନବାହନ ନିୟନ୍ତ୍ରଣ, ମନୋରଞ୍ଜନ କାର୍ଯ୍ୟକ୍ରମ, ପାଲା, ଦାସକାଠିଆ ଆଦି ସମ୍ପର୍କରେ ଆଲୋଚନା କରାଯାଇ ଉପସ୍ଥିତ ସମସ୍ତ ସଦସ୍ୟାସଦସ୍ୟଙ୍କ ମତାମତକୁ ନେଇ ନିଷ୍ପତ୍ତି ହୋଇଥିଲା।




ରଥଯାତ୍ରା ନେଇ ପ୍ରସ୍ତୁତି ବୈଠକରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଓ ଅନ୍ୟମାନେ।

# '୩ ମାସ ମଧ୍ୟରେ ଜିଲାରୁ ସମ୍ପୂର୍ଣ୍ଣ ଶିଶୁ ଶ୍ରମିକ ଉଚ୍ଛେଦ'

**ବାଲେଶ୍ୱର ଅଫିସ,୧୦।୬**

ବାଲେଶ୍ୱର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲା ଶ୍ରମ ବିଭାଗ ତରଫରୁ ଶୁକ୍ରବାର ଶିଶୁ ଶ୍ରମିକ ନିରାକରଣ ଓ ସଚେତନତା ସହ ଜିଲାକୁ କିପରି ଶିଶୁ ଶ୍ରମିକମୁକ୍ତ କରାଯିବ ଏବଂ ଶିଶୁ ଶ୍ରମିକ ନିୟୋଜିତ କଲେ ଆଇନ ଅନୁଯାୟୀ କେଉଁ କେଉଁ ଦଣ୍ଡବିଧି ରହିଛି ତାହାର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ସଭାପତିତ୍ୱ କରି ରାଜ୍ୟ ସରକାରଙ୍କ ୨୦୨୫ ସୁଦ୍ଧା ରାଜ୍ୟକୁ ବାଳ ଶ୍ରମିକମୁକ୍ତ କରିବା ପାଇଁ ଯେଉଁ ପଦକ୍ଷେପ ନେଇଛନ୍ତି ତାହାକୁ କାର୍ଯ୍ୟକାରୀ କରିବା ପାଇଁ ଜିଲାରେ ଆରମ୍ଭ ହୋଇଛି ସଚେତନତା କାର୍ଯ୍ୟକ୍ରମ। ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରି ଆଶ୍ରମରେ ରହୁଥିବା ଅନ୍ତେବାସୀ/ଅନ୍ତେବାସିନୀମାନଙ୍କ ସହିତ ରଖା ନ ଯାଇ ସ୍ୱତନ୍ତ୍ର ଅସ୍ଥାୟୀ ଗୃହରେ ଶିଶୁ ଅଭିଭାବକଙ୍କ ସହ ରଖାଯାଇ ସଚେତନ କରାଯିବା, ଦକ୍ଷ ଅଧିକାରୀଙ୍କୁ



ସଚେତନତା କାର୍ଯ୍ୟକ୍ରମରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟମାନେ।

ନେଇ ଜିଲାସ୍ତରୀୟ ଟାସ୍କଫୋର୍ସ ଗଠନ କରାଯିବା ସହ ପ୍ରତ୍ୟେକ ମାସରେ ଜିଲାପାଳଙ୍କ ଦ୍ୱାରା ସମୀକ୍ଷା କରାଯିବା, ସମସ୍ତ ହୋଟେଲ, ଢ଼ାବା, ଦୋକାନ, ଲଜ୍, ଖଣି, ଇଟାଭାଟି, ଚିଙ୍ଗୁଡ଼ି ପ୍ରୋସେସିଂ ୟୁନିଟ୍ ଏବଂ ଅଫିସ ଆଗରେ ଶିଶୁ ଶ୍ରମିକମାନଙ୍କୁ କାର୍ଯ୍ୟରେ ଲଗାଯାଇନାହିଁ ବୋଲି ବ୍ୟାନର ଲଗାଇବା, ଶିଶୁ ଶ୍ରମିକମାନଙ୍କୁ କାର୍ଯ୍ୟରେ ଲଗାଇବା ଦଣ୍ଡନୀୟ ଅପରାଧ ବିଷୟରେ ସୂଚନା ପ୍ରଦାନ କରିବା, ଶିଶୁ ଶ୍ରମିକମାନଙ୍କୁ କାର୍ଯ୍ୟରେ ଲଗାଇଥିବା ସଂସ୍ଥା ଉପରେ ଜରିମାନା ଓ ଦଣ୍ଡ ବ୍ୟବସ୍ଥା କଡ଼ାକଡ଼ି କରିବା, ଶିଶୁ ଶ୍ରମିକ ଉଦ୍ଧାର କରିବା ପାଇଁ ସ୍ୱତନ୍ତ୍ର ଗାଡ଼ିର ବ୍ୟବସ୍ଥା, ଶିଶୁଶ୍ରମିକଙ୍କୁ ଉଦ୍ଧାର ପରେ ରହିବା, ଖାଇବା, ପିନ୍ଧିବା, ପଢ଼ିବା ପାଇଁ ବ୍ୟବସ୍ଥା କରାଯିବା, ଉଦ୍ଧାର କରାଯାଉଥିବା ପିଲାମାନଙ୍କୁ ଅତିକମ୍‌ରେ ସ୍ୱତନ୍ତ୍ର ଅସ୍ଥାୟୀ ଗୃହରେ ୧୫ ଦିନରୁ ୧ମାସ ରଖିବା ପରେ ମା'ବାପାଙ୍କୁ ଦିଆଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶ୍ରମବିଭାଗ, ପୋଲିସ ବିଭାଗ, ଶିଶୁ ସୁରକ୍ଷା ୟୁନିଟ୍, ଶିକ୍ଷା ବିଭାଗ, ଚାଇଲ୍ଡଲାଇନ, ଶିଶୁ ମଙ୍ଗଳ କମିଟି, ଖବରଦାତା ଏକାଠି ହେବା ସହିତ ଜିଲା ପ୍ରଶାସନ ସମସ୍ତ ସହଯୋଗ କଲେ ୩ ମାସ ମଧ୍ୟରେ ଜିଲାରୁ ସମ୍ପୂର୍ଣ୍ଣ ଶିଶୁ ଶ୍ରମିକ ଉଚ୍ଛେଦ କରାଯାଇପାରିବ ବୋଲି ଡିଭିଜନାଲ ଲେବର କମିଶନର ଅଜୟ କୁମାର ପ୍ରଧାନ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ଉପଜିଲାପାଳ ଆଶିଷ ଈଶ୍ୱର ପଟେଲ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବ, ଜିଲା ଶ୍ରମ ଅଧିକାରୀ ବୃନ୍ଦାବନ ସେଠୀ ମଞ୍ଚାସୀନ ରହି ଉପସ୍ଥିତ ଥିବା ସମସ୍ତ ବିଭାଗୀୟ ଅଧିକାରୀ, ସ୍ୱେଚ୍ଛାସେବୀ ସଙ୍ଗଠନ, ପୋଲିସ ପ୍ରଶାସନଙ୍କ ସହ ଜିଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ଉପରେ ଆଲୋଚନା କରିଥିଲେ।

## କୁକୁଡ଼ା ଫାର୍ମରୁ ୧ କୁଇଣ୍ଟାଲ ଗଞ୍ଜେଇ ଜବତ

**ଭଦ୍ରକ ଅଫିସ:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ କୋରକରା ପଞ୍ଚାୟତ ଶ୍ରୀଧରପୁର ଗ୍ରାମର ଏକ କୁକୁଡ଼ା ଫାର୍ମରୁ ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗୁରୁବାର ବିଳମ୍ବିତ ରାତିରେ ଅବକାରୀ ବିଭାଗ ଜବତ କରିଛି। ଏହି ଘଟଣାରେ ଅବକାରୀ ବିଭାଗ ଜଣଙ୍କୁ ଅଟକ ରଖିଥିବା ବେଳେ ଗଞ୍ଜେଇ ବୋଝେଇ କାର୍‌କୁ ମଧ ଜବତ କରାଯାଇଛି। କୋଲକାତା ଚାଲାଣ ପାଇଁ ଉକ୍ତ କାର୍‌ରେ ଗଞ୍ଜେଇ ବୋଝେଇ ହୋଇଥିବା ଖବର ପାଇ ଭଦ୍ରକ ଅବକାରୀ ବିଭାଗ ପକ୍ଷରୁ କୁକୁଡ଼ା ଫାର୍ମରେ ଚଢ଼ାଉ କରାଯାଇଥିଲା।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଚାଷୀଙ୍କ ମୃତ୍ୟୁ

ପଦ୍ମପୁର, ୧୦।୬ (ଡି.ଏନ.ଏ.)-ଭଦ୍ରକ ସଦର ବ୍ଲକ ଅଧୀନ ବେନ୍ତାଳ ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଚାଷୀ ଭୋଳାନାଥ ଜେନା(୫୨)ଙ୍କର ବିଦ୍ୟୁତ୍ ଆଘାତରେ ଶୁକ୍ରବାର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଭୋଳାନାଥ ଅପରାହ୍ନରେ ପାଣି ମଡ଼ାଇବାକୁ ବିଲକୁ ଯାଇଥିଲେ। ମଟରରେ ପାଣି ମଡ଼ାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଅଚେତ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସାବରଙ୍ଗ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୧/୨୨) ରୁଜୁ କରାଯାଇଛି।

### ବାଇକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

ଖୁଣ୍ଟା/କୁଆମରା,୧୦।୬(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ସୁରୁକୁନାଠାରେ ଏକ ବାଇକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉଦଳା ଥାନା ଅଧୀନ ଅମ୍ବିକାଦେଇପୁର ଗ୍ରାମର ଦେବା ସିଂଙ୍କ ସ୍ତ୍ରୀ ସୁକୁରୁ ସିଂ (୩୮)। ଗୁରୁବାର ସନ୍ଧ୍ୟାରେ ଖୁଣ୍ଟା ସାପ୍ତାହିକ ହାଟ ସାରି ସେ ଜଣେ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ତେବେ ସୁରୁକୁନା ଗ୍ରାମ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ବୁଲେଟ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖୁଣ୍ଟା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୧୪୮/୨୨) ରୁଜୁ ହୋଇଛି।

### ଅବକାରୀ ଚଢ଼ାଉ,୪ ଗିରଫ

ଖୁଣ୍ଟା,୧୦।୬(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ଅବକାରୀ ଥାନା ପୋଲିସ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ମହୁଲିମଦ ଓ ପୋଚ ଜବତ କରିବା ସହ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବାରଡାଙ୍ଗୁଆ ଗ୍ରାମର ସୀମା କୁଅଁର, ସାଗୁସାହି ଗ୍ରାମର ନାରାୟଣ ମାରଣ୍ଡି, ବାସିପିଠାର ଗୁରା ସିଂ ଏବଂ ଭଣ୍ଡଗାଁ ଗ୍ରାମର ବାପିଲାଲ ହାଁସଦା। ସେମାନଙ୍କଠାରୁ ମୋଟ ୪୫ ଲିଟର ମହୁଲି ମଦ ଜବତ ହୋଇଛି। ସେହିପରି କେନ୍ଦୁଆମୁଣ୍ଡି ଗ୍ରାମର ଏକ ନିର୍ଜନ ସ୍ଥାନରେ ବେଆଇନ ଭାବେ ଚାଲୁ ରହିଥିବା ମହୁଲିମଦ ପ୍ରସ୍ତୁତ କାରଖାନା ଠାବ କରାଯାଇଛି। ସେଠାରୁ ୮୦ ଲିଟର ମହୁଲି ମଦ, ୧୫୦୦ କେଜି ପୋଚ ଜବତ ହୋଇଛି। ଅବକାରୀ ଥାନା ଅଧିକାରୀ ପ୍ରସନ୍ନ କୁମାର ଜାଲିଙ୍କ ନେତୃତ୍ୱରେ ବିଭାଗୀୟ ଏଏସ୍‌ଆଇ ବି.କେ. ମହାନ୍ତ, କର୍ମଚାରୀ ତମନ୍ନା ପରିଡ଼ା, ଦୀପାଞ୍ଜଳି ଦାସଙ୍କ ସମେତ ଅନ୍ୟ କର୍ମଚାରୀ ଏହି ଚଢ଼ାଉରେ ସାମିଲ ଥିଲେ।

### ବଳରାମ ହେଲେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ



ଭଦ୍ରକ ଅଫିସ,୧୦।୬-ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଭାବେ ଭଦ୍ରକର ସହରର ଯୁବନେତା ବଳରାମ ରାଉତ ମନୋନୀତ ହୋଇଛନ୍ତି। ତାଙ୍କ ଘର ଭଦ୍ରକ ସଦର ବ୍ଲକ ଅଧୀନ ଦୈସିଂ ପଞ୍ଚାୟତର ଚଢ଼େୟା ଗ୍ରାମରେ। ସେ ଛାତ୍ର ରାଜନୀତିରୁ କଂଗ୍ରେସ ସହ ଜଡ଼ିତ ଅଛନ୍ତି। ପୂର୍ବରୁ ଛାତ୍ର କଂଗ୍ରେସର ଜିଲା ସଭାପତି ମଧ ଥିଲେ। ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଁ ସେ ବରିଷ୍ଠ ନେତା ଅନନ୍ତ ପ୍ରସାଦ ସେଠୀ, କଟକ ବିଧାୟକ ମହମ୍ମଦ ମୋକିମ, ଭଦ୍ରକର ପୂର୍ବତନ ବିଧାୟକ ନରେନ ପଲେଇ, ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା, ଜିଲା ସଭାପତି ସୁବ୍ରତ ଦାସଙ୍କ ସମେତ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ନବଜାତ ଶିଶୁ ମୃତ୍ୟୁକୁ ନେଇ ଉତ୍ତେଜନା

**ବାଲେଶ୍ୱର ଅଫିସ, ୧୦।୬**

ନବଜାତ ଶିଶୁର ମୃତ୍ୟୁକୁ ନେଇ ଶୁକ୍ରବାର ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ଦେଖାଦେଇଛି। ଡାକ୍ତରଖାନା ଅଧିକାରୀ ଓ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଉତ୍ତେଜନା ଥମିଥିଲା। ଚିକିତ୍ସାରେ ଅବହେଳା ଓ ଡାକ୍ତରଙ୍କ ଅନୁପସ୍ଥିତିରେ ନର୍ସଙ୍କ ଦ୍ୱାରା ପ୍ରସବ କରାଯାଇଥିବାରୁ ନବଜାତକର ମୃତ୍ୟୁ ହୋଇଥିବା ମୃତ ଶିଶୁର ବାପା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୋର ବ୍ଲକ ସରଶଙ୍ଖ ଗ୍ରାମର ଦିବ୍ୟଜ୍ୟୋତି ଓଝାଙ୍କ ସ୍ତ୍ରୀଙ୍କ ପ୍ରସବଜନିତ ଯନ୍ତ୍ରଣା ହେବାରୁ ଗୁରୁବାର ତାଙ୍କୁ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଗର୍ଭଯନ୍ତ୍ରଣା ଅଧିକ ହେବାରୁ ଡାକ୍ତର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ରାତି ପ୍ରାୟ ୨ଟା ବେଳେ ପରିବାର ଲୋକେ ପ୍ରସୂତିଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ରାତି ସାରା ପ୍ରସୂତି କକ୍ଷରେ ସେ



ପ୍ରସୂତି କକ୍ଷ ସମ୍ମୁଖରେ ଲୋକେ ହୋହଲ୍ଲା କରୁଛନ୍ତି।

ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଡ୍ୟୁଟିରେ ଥିବା ନର୍ସମାନେ ଡାକ୍ତର ନ ଥିବା କହି ଅପେକ୍ଷା କରିବାକୁ କହିଥିଲେ। ଡାକ୍ତର ଆସିଲେ ରୋଗୀଙ୍କୁ ଦେଖି ଚିକିତ୍ସା କରିବା ସହ ପ୍ରସବ କରାଯିବ ବୋଲି ପରିବାର ଲୋକଙ୍କୁ ଆଶ୍ୱାସନା ଦେଇଥିଲେ। ଅପରପକ୍ଷେ ବିନା ଅସ୍ତ୍ରୋପଚାରରେ ପ୍ରସବ କରାଇଦେବାକୁ କହି ତାଙ୍କ ପରିବାର ଲୋକଙ୍କୁ ଟଙ୍କା ମାଗିଥିଲେ। ପରିବାର ଲୋକେ ଏଥିରେ ରାଜି ହୋଇଥିବା ବେଳେ ନର୍ସମାନେ ପ୍ରସବ କରାଇବା ପାଇଁ ଉଦ୍ୟମ କରିଥିଲେ। ଶୁକ୍ରବାର ସକାଳ ସାଢେ ୭ଟାରେ ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ମାତ୍ର କିଛି ସମୟ ପରେ ଶିଶୁଟିର ମୃତ୍ୟୁ ହୋଇଯାଇଥିଲା। ଅନ୍ୟପଟେ ନବଜାତ ଶିଶୁର ବେକରେ ଆଘାତ ଲାଗି କଳା ପଡ଼ିଥିବା ଦେଖି ନର୍ସମାନେ ଠିକ୍ ଭାବେ ପ୍ରସବ କରାଇ ନ ଥିବା ପରିବାର ଲୋକେ ଅଭିଯୋଗ କରି ମେଡ଼ିକାଲ

### ଡାକ୍ତରଙ୍କ ଅବହେଳାକୁ ଦାୟୀ କଲେ ପରିବାର ଲୋକେ

ପରିସରରେ ପାଟିତୁଣ୍ଡ କରିଥିଲେ। ପ୍ରାୟ ୨ଘଣ୍ଟା ଧରି ଉତ୍ତେଜନା ଲାଗି ରହିଥିଲା। ଘଟଣାସ୍ଥଳରେ ମେଡ଼ିକାଲ ଅଧିକାରୀ ଓ ଟାଉନ ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ଏନେଇ ଫକୀରମୋହନ ମେଡ଼ିକାଲ କଲେଜ ପ୍ରଶାସନିକ ଅଧିକାରୀ ମନୋରମା ଭୂୟାଁ କହନ୍ତି, ନବଜାତକର ମୃତ୍ୟୁ ଘଟଣା ଅତ୍ୟନ୍ତ ଦୁଃଖଦାୟକ। କିନ୍ତୁ ସୋର ଡାକ୍ତରଖାନାରୁ ଯେତେବେଳେ ତାଙ୍କୁ ଅଣାଯାଇଥିଲା, ସେତେବେଳେ ଶିଶୁର ଅବସ୍ଥା ସଙ୍କଟାପନ୍ନ ଥିଲା। ସମୟନୁସାରେ ପ୍ରସୂତି କକ୍ଷରେ ଥିବା ଡାକ୍ତର ଏବଂ ନର୍ସମାନେ ଯଥାସମ୍ଭବ ଚେଷ୍ଟା କରି ପ୍ରସବ କରାଇଥିଲେ ମଧ ପରେ ତା'ର ମୃତ୍ୟୁ ହୋଇଯାଇଥିଲା।

# ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

**କେନ୍ଦୁଝର, ୧୦।୬ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଓ ଦୌରାଜଜ୍ ଚିତ୍ତରଞ୍ଜନ ମହାପାତ୍ର ଶୁକ୍ରବାର ଏକ ହତ୍ୟା ମାମଲାର ଶୁଣାଣି କରି ସ୍ତ୍ରୀ ହତ୍ୟାକାରୀ ସ୍ୱାମୀ ପଣ୍ଡାପଡ଼ା ଥାନା ଅଧୀନ ଜୁଙ୍ଗା ମାଝିସାହିର' କାହ୍ନୁ ମାରାଣ୍ଡି(୫୦)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଆଉ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟ ପ୍ରକାଶ କରିଛନ୍ତି। ତାଙ୍କ ଘର ପଣ୍ଡାପଡ଼ା ଥାନା ଅଧୀନ ଜୁଙ୍ଗା ମାଝିସାହିରେ।

ସୂଚନାଯୋଗ୍ୟ, ଦ୍ୱିତୀୟ ବିବାହକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ହେଉଥିଲା। ୨୦୧୯ ଜାନୁୟାରୀ ୨୨ ତାରିଖ ସନ୍ଧ୍ୟା ୭ଟାରେ ଦୁଇଜଣଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ କାହ୍ନୁ ସ୍ତ୍ରୀ ମଞ୍ଜୁରୀଙ୍କୁ ତଣ୍ଟି ଚିପି ହତ୍ୟା କରିଥିଲେ। ପରେ ଏହାକୁ ଆତ୍ମହତ୍ୟା ରୂପ ଦେବାକୁ ଉଦ୍ୟମ କରି ସେ ବିଫଳ ହୋଇଥିଲେ। ଏନେଇ ଘଟଣାର ପରଦିନ ମୃତ ମଞ୍ଜୁରୀଙ୍କ ମା' ଶ୍ରୀମତୀ ମହାରଣା ପଣ୍ଡାପଡ଼ା ଥାନାରେ ଏତଲା ଦେବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ପୋଲିସ ଏକ ମାମଲା (ନଂ.୭/୨୦୧୯) ରୁଜୁ କରି ଅଭିଯୁକ୍ତ କାହ୍ନୁଙ୍କୁ ୨୩ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୭ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତିକରି କୋର୍ଟ ଏହି ଦଣ୍ଡାଦେଶ ଶୁଣାଣି କରିଛନ୍ତି। ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ଦାସ ମାମଲା ପରିଚାଳନା କରୁଥିଲେ।

# ମୂଲ୍ୟବାନ କାଠ ସହ ଗାଡ଼ି ଜବତ


କାଠ ସହ ଜବତ ହୋଇଥିବା ଗାଡ଼ି।

**ଚମ୍ପୁଆ/ଝୁମ୍ପୁରା,୧୦।୬ (ଡି.ଏନ.ଏ)**

### ବନ ବିଭାଗର ଚଢ଼ାଉ

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅଧୀନ ବାଲିବନ୍ଧ ସେକ୍ସନର ଚମ୍ପାଡିହିଠାରେ ଗୁରୁବାର ରାତିରେ ବନବିଭାଗ ଚଢ଼ାଉ କରିଛି। ମୂଲ୍ୟବାନ କାଠ ସହ ଗାଡ଼ି ଜବତ କରାଯାଇଛି। କାଠମାଫିଆମାନେ ଗାଡ଼ିଛାଡ଼ି ଫେରାର ହୋଇଯାଇଥିବା ଜଣାଯାଇଛି।

ସୂଚନା ଅନୁଯାୟୀ, କୌଣସି ସୂତ୍ରରୁ ଖବର ପାଇ ଚମ୍ପୁଆ ଡେପୁଟି ରେଞ୍ଜର ସଞ୍ଜୀବ କୁମାର ରାଉତ, ବାଲିବନ୍ଧ ଫରେଷ୍ଟର ବୁଲୁ ନାହକ, ଫରେଷ୍ଟଗାର୍ଡ ଶ୍ରୀଧର ନାଏକ ପ୍ରମୁଖ ଗୁରୁବାର ରାତି ପ୍ରାୟ ୧୦ଟା ବେଳେ ଚମ୍ପାଡିହି ଜଙ୍ଗଲରେ ଚଢ଼ାଉ କରିଥିଲେ। ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ମୂଲ୍ୟବାନ ଶାଗୁଆନ, ପିଆଶାଳ ଓ ଗମ୍ଭାରୀ କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିଥିଲେ। ଜବତ ହୋଇଥିବା କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଡେପୁଟି ରେଞ୍ଜର ରାଉତ କହିଛନ୍ତି।

# 'ଦାବି ପୂରଣ ନ ହେଲେ ଆନ୍ଦୋଳନ'

## ଅଧିକାର ସମାବେଶ କରି ଚେତାବନୀ ଦେଲା ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ


ଅଧିକାର ସମାବେଶରେ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ସଦସ୍ୟ।

**ସୋର, ୧୦।୬(ଡି.ଏନ.ଏ.)**

ସୋର ୟୁଏନ୍ କଲେଜ ପରିସରରେ ଶୁକ୍ରବାର ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଜିଲା ଶାଖା ପକ୍ଷରୁ ସରକାରୀ ଅନୁଦାନ ଦାବିରେ ଏକ ଅଧିକାର ସମାବେଶ ଆୟୋଜିତ ହୋଇଯାଇଛି। ଜିଲା ସଂଯୋଜକ ତାପସ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଂଘ ସଭାପତି ବିଶ୍ୱରଞ୍ଜନ ଦାସ, ସୁଶାନ୍ତ କୁମାର ପଣ୍ଡା, ସୁନୀଲ କୁମାର ସାହୁ, ବାଲେଶ୍ୱର ବିଭାଗ ସଂଯୋଜକ ପ୍ରିୟବ୍ରତ ମହାପାତ୍ର, ଶଶିକାନ୍ତ ମିଶ୍ର ଓ ସୁବାସ କୁମାର ରାଉତ ପ୍ରମୁଖ ଯୋଗଦେଇ ୨୦୦୮ ମସିହା ପରବର୍ତ୍ତୀ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାର ତୁରନ୍ତ ଅନୁଦାନ ପ୍ରଦାନ କରିବାକୁ ଦାବି କରିଥିଲେ। ଏନେଇ ପୂର୍ବରୁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷା ସଚିବଙ୍କ ସହ ବିଭିନ୍ନ ଜିଲାର ଜିଲାପାଳଙ୍କ ନିକଟରେ ଦାବି ହୋଇଆସୁଥିଲେ ମଧ କେବଳ ପ୍ରତିଶ୍ରୁତି ଛଡା କୌଣସି ସୁଫଳ ନ ମିଳିବାରୁ ଏହି ଅଧିକାର ଯାତ୍ରା ଦୀର୍ଘ ୫୬ ଦିନ ଧରି ଅବ୍ୟାହତ ରହିଛି। ଆଗକୁ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଅଧିକ ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ ଘୋଷଣା କରାଯାଇଛି। ସାରା ଜିଲାର ୭୦ ମହାବିଦ୍ୟାଳୟରେ ଏହି ଶ୍ରେଣୀର କାର୍ଯ୍ୟରତଶତାଧିକଅଧ୍ୟାପିକା/ଅଧ୍ୟାପକ ଓ କର୍ମଚାରୀମାନେ ଯୋଗଦେଇ ଦାବି ଉପସ୍ଥାପନ କରିଥିଲେ। ଉପେନ୍ଦ୍ରନାଥ ମହାବିଦ୍ୟାଳୟର ସମସ୍ତ ବେସରକାରୀ ଅଧ୍ୟାପିକା/ ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ୟୁଏନ୍ କଲେଜ ବାଣିଜ୍ୟ ବିଭାଗର ଅଧ୍ୟାପକ ଭାଗିରଥୀ ଘଡାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ୩୭୦୧ ହିତାଧିକାରୀଙ୍କୁ ୩୯.୫୮ କୋଟି ଋଣ ମଞ୍ଜୁର

**ଭଦ୍ରକ ଅଫିସ,୧୦।୬**

କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରାଳୟ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବରେ ଆଇକନିକ ସପ୍ତାହ ପାଳନ ଅବସରରେ ଭଦ୍ରକ ଟାଉନହଲ୍‌ରେ ଲିଡ୍‌ବ୍ୟାଙ୍କ ଆନୁକୂଲ୍ୟରେ ବୃହତ୍ ଋଣ ସଂଯୋଗୀକରଣ ମେଳା ଅନୁଷ୍ଠିତ ହୋଇଯାଇଛି। ଏଲ୍‌ଡିଏମ୍ (ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର) ଏନ୍. ନାଗେଶ୍ୱର ରାଓଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଅନ୍ୟତମ ଅତିଥି ଭାବେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଏବଂ ବାଲେଶ୍ୱର ବିବିସିସି ବ୍ୟାଙ୍କ ଲିମିଟେଡ୍ ସିଇଓ ଯୋଗ

### ଋଣ ସଂଯୋଗୀକରଣ ମେଳା

ଦେଇଥିଲେ। ଋଣ ସଂଯୋଗୀକରଣ ମେଳାର ଉପାଦେୟତା, ସାମାଜିକ ସୁରକ୍ଷା, ଆର୍ଥିକ ସାକ୍ଷରତା, ବୀମା, ପେନ୍‌ସନ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଚଳିତମାସ ୬ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ସମର୍ଥ.ଇନ୍ ପୋର୍ଟାଲ ସମ୍ପର୍କରେ ଏଲ୍‌ଡିଏମ୍ ରାଓ ସୂଚନା ଦେଇଥିଲେ। ବିଭିନ୍ନ ଯୋଜନାରେ ମୋଟ ୩୭୦୧ ହିତାଧିକାରୀଙ୍କୁ ୩୯.୫୮ କୋଟି ଟଙ୍କାର ଋଣ ମଞ୍ଜୁର ନେଇ ପ୍ରକାଶ କରାଯାଇଥିଲା। ବିଶେଷକରି କୃଷି, ପାଇକାରୀ ବ୍ୟବସାୟ, ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାରେ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ, ସ୍ୱୟଂସହାୟିକା ଗୋଷ୍ଠୀଙ୍କ ପାଇଁ ଋଣ ବ୍ୟବସ୍ଥା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ଅଟଳ ପେନ୍‌ସନ ଆଦି ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରାଯାଇଥିଲା।

# ୬୪ ବୁଥ୍‌ରେ ଭୋଟ ଦେବେ ୩୯,୨୪୫

**ଭଦ୍ରକ ଅଫିସ, ୧୦।୬**

ପ୍ରଥମ ପର୍ଯ୍ୟାୟରେ ଭଦ୍ରକ ଜିଲାର ୭ ବ୍ଲକରେ ୪୩ଟି ସମବାୟ ସମିତିର ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନରେ ମୋଟ ୩୯,୨୪୫ଜଣ ଚାଷୀ ୬୪ଟି ମତଦାନ କେନ୍ଦ୍ରରେ ଭୋଟ ଦେବାର ବ୍ୟବସ୍ଥା କରାଯାଇଛି। ୨୧ ବୁଥ୍ ସମ୍ବେଦନଶୀଳ ହୋଇଥିବା ବେଳେ ୧୬ଟି ଅତି ସମ୍ବେଦନଶୀଳ ଭାବେ ଚିହ୍ନଟ ହୋଇଛି। ଜିଲାର ମୋଟ ୧୦୮ ସମବାୟ ସମିତି ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୬୨ ସମିତିରେ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ହୋଇଥିଲା। ୧୭ ସମିତିରେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବୋର୍ଡ ମେମ୍ବର ନିର୍ବାଚିତ ହୋଇଥିବା ବେଳେ ଭଦ୍ରକ ବ୍ଲକର

### ସମବାୟ ସମିତି ନିର୍ବାଚନ

ଏରେଇଁ ଓ ଅର୍ଣ୍ଣପାଳ ସମିତିରେ ନାମାଙ୍କନ ବେଳେ ଗଣ୍ଡଗୋଳ ଯୋଗୁ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ନ ହୋଇ ଦ୍ୱିତୀୟ ପର୍ଯ୍ୟାୟରେ ହେବ। ଭଦ୍ରକ ବ୍ଲକରେ ୮ ସମିତି ପାଇଁ ୧୦ଟି ବୁଥ୍, ବନ୍ତରେ ୫ ସମିତି ଲାଗି ୬, ଧାମନଗରରେ ୫ ସମିତି ପାଇଁ ୯, ଭଣ୍ଡାରିପୋଖରୀରେ ୪ ସମିତି ନିମନ୍ତେ ୫, ତିହିଡ଼ିରେ ୫ ସମିତି ଲାଗି ୧୨, ବାସୁଦେବପୁରରେ ୭ ସମିତି ପାଇଁ ୧୧ ଏବଂ ଚାନ୍ଦବାଲିରେ ୯ ସମିତି ଲାଗି ୧୧ ବୁଥ୍‌ରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଏଆର୍‌ସିଏସ୍ ସଦାନନ୍ଦ ବେହେରା ସୂଚନା ଦେଇଛନ୍ତି।

# ହାତୀ ଉତ୍ପାତ : ରାତିସାରା ଗଛରେ ରହିଲେ ମହିଳା

**ବାରିପଦା ଅଫିସ/ ମୋରଡା,୧୦।୬(ଡି.ଏନ.ଏ)**

ମୟୂରଭଞ୍ଜ ଜିଲାରେ ବର୍ଷ ତମାମ ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଗୁରୁବାର ହାତୀ ଭୟରେ ଜଣେ ମହିଳା ରାତି ସାରା ଗଛ ଉପରେ ରହିଥିବା ସୂଚନା ମିଳିଛି। ରାସଗୋବିନ୍ଦପୁର ବ୍ଲକ ଛାତନା ପଞ୍ଚାୟତର ରାଇପାଳ ଗ୍ରାମରେ ଏହି ଘଟଣା ଘଟିଛି।

ସୂଚନା ଅନୁଯାୟୀ, ରାଇପାଳ ଗ୍ରାମରେ ଗୁରୁବାର ରାତିରେ ପ୍ରଥମେ ଏକ ଦନ୍ତା ହାତୀ ପ୍ରବେଶ କରିଥିଲା। ପରେ ୧୦ଟି ହାତୀ ଆସି ସେଠାରେ ପହଞ୍ଚିଥିଲେ। ଗାଁ ଭିତରେ ଏତେ ସଂଖ୍ୟକ ହାତୀଙ୍କୁ ଦେଖି ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ଆତ୍ମରକ୍ଷା ପାଇଁ କେତେଜଣ ଘରୁ ବାହରକୁ ପଳାଇ ଯାଇଥିଲେ। ତେବେ ଉକ୍ତ ଗ୍ରାମର ସୀତାରାଣୀ ମୁର୍ମୁ(୪୦) ହାତୀ ଭୟରେ ଗଛରେ ଚଢ଼ି ଯାଇଥିଲେ। ରାତି ସାରା ସେ ଗଛରେ ରହି ନିଜର ଜୀବନ ରକ୍ଷା କରିଥିଲେ। ଉଲ୍ଲେଖଯୋଗ୍ୟ, ଗୁରୁବାର ହାତୀ ଆକ୍ରମଣରେ ଏହି ଗ୍ରାମର ମାୟା ମୁର୍ମୁ ନାମ୍ନୀ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିଲା। ବନ ବିଭାଗ କେବଳ ହାତୀପଲଙ୍କ ଗତିବିଧି ଉପରେ ନଜର ରଖୁଥିବା ବେଳେ ସେମାନଙ୍କୁ ଘଉଡ଼ାଉ ନ ଥିବାରୁ ହାତୀପଲ ବ୍ୟାପକ କ୍ଷୟକ୍ଷତି କରୁଥିବା ଦେଖିବାକୁ ମିଳିଛି।

# କୋଭିଡ୍ ଭାକ୍ସିନ ମିଳୁନି, ଚିନ୍ତାରେ ଲୋକେ

**କେନ୍ଦୁଝର, ୧୦।୬ (ସ୍ୱ.ପ୍ର.)**

କରୋନା ସଂକ୍ରମଣ ଦେଶରେ ପୁଣି ଥରେ ବୃଦ୍ଧି ପାଉଥିବା ବେଳେ କେତେକ ରାଜ୍ୟରେ ଏନେଇ ସତର୍କତା ଅବଲମ୍ବନ କରାଯାଉଛି। ଏଥିପାଇଁ ରାଜ୍ୟ ସରକାର ମଧ ସତର୍କତା ଦୃଷ୍ଟି ରଖିଥିବା କହିଛନ୍ତି। ଏଭଳି ପରିସ୍ଥିତିରେ କେନ୍ଦୁଝର ଜିଲାରେ ଭାକ୍ସିନ ମିଳୁ ନ ଥିବାରୁ ଲୋକେ ଚିନ୍ତାରେ ରହିଛନ୍ତି । ଏବେ ଘରୋଇ ଡାକ୍ତରଖାନା ବା ନର୍ସିଂ ହୋମରେ ପଇସା ଦେଇ ଟିକା ନେବା ବ୍ୟବସ୍ଥା ଘୋଷଣା ହୋଇଛି। ଏଥିପାଇଁ ଲୋକେ ଅତିରିକ୍ତ ଟିକା ନେବା ପାଇଁ ଅନ୍‌ଲାଇନରେ ଆବେଦନ କରୁଛନ୍ତି ଏବଂ ଘରୋଇ ଡାକ୍ତରଖାନା ବା ନର୍ସିଂ ହୋମରେ ଟିକା ନେବାକୁ ମେସେଜ ଆସୁଛି । କିନ୍ତୁ ଘରୋଇ ଭାବେ ଟିକା ଉପଲବ୍ଧ ହେଉ ନ ଥିବାରୁ ଲୋକେ ଚିନ୍ତାରେ ରହିଛନ୍ତି। ଏପରିକି ଏହି ଟିକା ସରକାରୀ ଡାକ୍ତରଖାନାରେ ମଧ ମିଳୁ ନ ଥିବାରୁ ଲୋକେ ଭୟଭୀତ ହୋଇ ପଡୁଛନ୍ତି।

ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁଯାୟୀ ଘରୋଇ ଡାକ୍ତରଖାନାକୁ ଟିକା କିଣି ଲୋକଙ୍କୁ ବିକିବା ନେଇ ବିଭାଗ ପକ୍ଷରୁ ଅନୁମତି ଦିଆଯାଇଛି । ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗର ଅନୁମତି କ୍ରମେ ଘରୋଇ ସଂସ୍ଥାମାନେ ସିଧାସଳଖ କମ୍ପାନୀ ଗୁଡ଼ିକଠାରୁ ଟିକା କିଣି ଲୋକଙ୍କୁ ନିର୍ଦ୍ଧାରିତ ମୂଲ୍ୟରେ ଟିକା ଯୋଗାଇଦେବେ। ଜିଲା ମୁଖ୍ୟାଳୟ ଏଭଳି ଏକ ଘରୋଇ ଡାକ୍ତରଖାନାକୁ ଅନୁମତି ଦିଆଯାଇଥିବା ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛନ୍ତି । କିନ୍ତୁ ପାଖାପାଖି ଏକ ମାସ ବିତିବାକୁ ବସିଲାଣି ଉକ୍ତ ଘରୋଇ ସଂସ୍ଥା ଲୋକଙ୍କୁ ଟିକା ଦେଇପାରି ନାହିଁ। ଅନ୍ୟପକ୍ଷରେ ଟିକା ପାଇଁ ମେସେଜ ପାଇଥିଲେ ହେଁ ଟିକା ନ ପାଇ ହିନସ୍ତା ହେବାକୁ ପଡିଛି ବୋଲି ଏଭଳି ଜଣେ ଆବେଦନକାରୀଙ୍କ ବାପା ଅଲେଖ ଚନ୍ଦ୍ର ପାତ୍ର କହିଛନ୍ତି। ଏସମ୍ପର୍କରେ ସିଡିଏମଓ ଡ. ସୁଜାତା ରାଣୀ ମିଶ୍ର କହିଛନ୍ତି, ଘରୋଇ ସଂସ୍ଥାମାନେ ଟିକା ସିଧାସଳଖ କମ୍ପାନୀ ଗୁଡ଼ିକଠାରୁ ଆଣି ଟିକା ବିକିପାରିବେ । ତେବେ ସେମାନେ ଭ୍ୟାକ୍‌ସିନ ଆଣିପାରି ନ ଥିବାରୁ ମିଳିପାରୁନାହିଁ ।

# ଖଲିପତ୍ରରେ ଚଳୁଛି ସଂସାର

**ସନ୍ତୋଷ ରାଉତ**
**ଆନନ୍ଦପୁର,୧୦।୬**

ରାତି ପାହିଲେ ପେଟ ଚିନ୍ତା। ଘଞ୍ଚ ଜଙ୍ଗଲକୁ ଯାଇ ଶାଳ ପତ୍ର ଆଣି ଖଲି ତିଆରି ନ କଲେ କୁଟୁମ୍ବ ଉପାସ। ରାଶନ ଚାଉଳ ଗଣ୍ଡେ ମିଳୁଛି ସିନା, ହେଲେ ତେଲ ଲୁଣ ପାଇଁ ଖଲି ତିଆରି ନ କଲେ ନ ଚଳେ। ଖଲିକୁ ଭରସା କରି ଜୀବନ ଅତିବାହିତ କରୁଥିବା ମହିଳା ଜଣକ ହେଲେ ଆନନ୍ଦପୁର ବ୍ଲକ ମନୋହରପୁର ପଞ୍ଚାୟତର ବାଇଗୁଣ୍ଡି ଗ୍ରାମର ଗୁରୁବାରୀ ସିର୍କା।

ସକାଳୁସକାଳୁ ବିପଜ୍ଜନକ ଅବସ୍ଥାରେ ସେ ଘଞ୍ଚ ଜଙ୍ଗଲକୁ ଯାଇ ଶାଳପତ୍ର ଗୋଟାଇବା ଏବଂ ତାକୁ ନେଇ ଘରେ ଶୁଖାଇ ପରେ ଖଲି ତିଆରି କରିବାରେ ନିଜର ସମୟକୁ ଅତିବାହିତ କରୁଛନ୍ତି। ଦିନକୁ ଶହେ ଟିକିଆ ଦୁଇ ବିଡ଼ା ଖଲି ପ୍ରସ୍ତୁତ କରିବାକୁ ସକ୍ଷମ ହେଉଥିବା ଗୁରୁବାରୀ କହିଛନ୍ତି। ଯେଉଁମାନେ ଟିକେ ଅଧିକ ପରିଶ୍ରମ କରୁଛନ୍ତି ସେମାନେ ଦିନକୁ ୪ ବିଡ଼ା ପର୍ଯ୍ୟନ୍ତ ଖଲି ପ୍ରସ୍ତୁତ


ଜଣେ ମହିଳା ଖଲିପତ୍ର ସଂଗ୍ରହ କରୁଛନ୍ତି।

କରିଥାନ୍ତି। ଶହେ ଟିକିଆ ବିଡ଼ା ବିକ୍ରି ବାବଦକୁ ୩୦ ଟଙ୍କା ପାଉଣା ମିଳିଥାଏ। ଦିନକୁ ଦୁଇ ବିଡ଼ା ପ୍ରସ୍ତୁତ କଲେ ୬୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର ହୋଇଥାଏ। ତେବେ ବର୍ଷା ସମୟରେ ଖଲି ପ୍ରସ୍ତୁତ କରିବା କଷ୍ଟସାଧ ହୋଇପଡ଼ିଥାଏ ବୋଲି ଗୁରୁବାରୀ କହିଛନ୍ତି। ଏଭଳି କ୍ଷେତ୍ରରେ ଜବକାର୍ଡଧାରୀଙ୍କ ପାଇଁ ଶହେ ଦିନର କାମ ଯୋଗାଇବାର ସରକାରୀ ନାରା ବ୍ୟର୍ଥ ହେବା ପରି ଅନୁମାନ କରାଯାଉଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସରକାରୀ ଉନ୍ନୟନ କାର୍ଯ୍ୟ ବ୍ୟାପକ ଭାବେ କାର୍ଯ୍ୟକାରୀ ହେଉଛି ହେଲେ ଜବକାର୍ଡ଼ଧାରୀଙ୍କୁ ନିୟମିତ କାମ ମିଳୁ ନ ଥିବାରୁ ଗୁରୁବାରୀଙ୍କ ଭଳି ବହୁ ଗରିବ ଓ ଅସହାୟ ମହିଳା ଦୁଃଖ କଷ୍ଟରେ ଚଳୁଛନ୍ତି। ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି।

# ଗଣପତିଙ୍କ ମନ୍ଦିର ପ୍ରତିଷ୍ଠା

**କୁଆମରା,୧୦।୬ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବିଘ୍ନରାଜ ଶ୍ରୀଗଣେଶଙ୍କ ବିଗ୍ରହ ଓ ନୂତନ ମନ୍ଦିର ପ୍ରତିଷ୍ଠା ସମ୍ପନ୍ନ ହୋଇଛି। ବୁଧବାର ଅଧିବାସ ଓ କଳସ ଶୋଭାଯାତ୍ରା କରାଯାଇଥିଲା। ଗୁରୁବାର ୫ ଫୁଟ ଉଚ୍ଚର ଶ୍ରୀଗଣେଶଙ୍କ ବିଗ୍ରହ ଓ ୩୦ ଫୁଟ ଉଚ୍ଚତା ବିଶିଷ୍ଟ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ମୁଖ୍ୟ ପୁରୋହିତ ରଶ୍ମୀ ରଞ୍ଜନ ହୋତା, କିଶୋର ମହାପାତ୍ର, ଗଙ୍ଗାଧର ଶତପଥୀ, ଦିବ୍ୟ ସାଗର ମହାପାତ୍ର ପୂଜା କାର୍ଯ୍ୟ ତୁଲାଇ ଥିବା ବେଳେ ମୁନା ପଣ୍ଡା ଚଣ୍ଡୀପାଠ କରିଥିଲେ। କର୍ତ୍ତାଭାବେ କଲେଜ ଅଧକ୍ଷା କବିତା ପରିଡା କାର୍ଯ୍ୟ ତୁଲାଇଥିଲେ। କର୍ମଚାରୀ ଗୋଲକ ବିହାରୀ ମହାପାତ୍ର, ଜଗନ୍ନାଥ ବେହେରା ଘଟ ଉତ୍ତୋଳନ କରିଥିଲେ। ଅଧ୍ୟାପକ ସୁଜିତ କୁମାର ମାଇତି, ଅଧ୍ୟାପିକ ଇପସିତା ମୋନାଲିସା ମିଶ୍ର, ସସ୍ମିତା ଚୌଧୁରୀ, ସୁକାନ୍ତି ବିଶ୍ୱାଳ ପ୍ରମୁଖ ପ୍ରତିଷ୍ଠା କାର୍ଯ୍ୟରେ ସହଯୋଗ କରିଥିଲେ।

## ସମ୍ପର୍କୀୟା ଶାଶୁଙ୍କୁ ବଳାତ୍କାର ଉଦ୍ୟମ, ଜ୍ୱାଇଁ ଗିରଫ

ସୋର,(ଡି.ଏନ.ଏ.)-ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ବନ୍ଧସାହି ଗ୍ରାମର ଜଣେ ଯୁବକ ତାଙ୍କ ସମ୍ପର୍କୀୟା ଶାଶୁଙ୍କୁ ବଳାତ୍କାର ଉଦ୍ୟମ କରି ଧରାପଡ଼ିଯିବା ଭୟରେ ଚମ୍ପଟ ମାରିଥିଲେ। ମହିଳାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଯୁବକ ହେଲେ ରବି ସିଂ। ଗତ ୩୦ ତାରିଖରେ ଏହି ଘଟଣା ଘଟିଥିଲା। ଏ ସମ୍ପର୍କରେ ମହିଳା ଜଣକ ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୭୭/୨୨) ରୁଜୁ କରି ତଦନ୍ତ କରୁଥିଲା।



# ପ୍ରଥମ ପର୍ଯ୍ୟାୟରେ ୪୩୦.୪ କୁଇଣ୍ଟାଲ ଧାନ ବିହନ ଯୋଗାଣ

**ବାସୁଦେବପୁର, ୧୦।୬ (ଡି.ଏନ.ଏ.)**

ଭଦ୍ରକ ଜିଲାର ବାସୁଦେବପୁର ବ୍ଲକ ଏକ କୃଷି ପ୍ରଧାନ ଅଞ୍ଚଳ। ବ୍ଲକର ୩୬ ପଞ୍ଚାୟତ ଓ ପୌରପାଳିକାର ୨୩ ୱାର୍ଡରେ ମୋଟ ୩୩,୨୩୯ ହେକ୍ଟର ଜମି ଥିବାବେଳେ ଏଥିରେ ଧାନ ଚାଷ ପାଇଁ ମୋଟ ୧୫୪୦ କୁଇଣ୍ଟାଲ ଧାନ ବିହନର ଆବଶ୍ୟକତା ରହିଛି। ଚଳିତ ଖରିଫ ଋତୁରେ ଚାଷୀଙ୍କୁ ବିହନ ଯୋଗାଣ ପାଇଁ ବର୍ତ୍ତମାନ ସୁଦ୍ଧା ୩ଟି ସେବା ସମବାୟ ସମିତି ଓ ୭ଜଣ ବ୍ୟକ୍ତିଗତ ଦୋକାନୀଙ୍କୁ କୃଷି ବିଭାଗ ପକ୍ଷରୁ ଅନୁମତି ପ୍ରଦାନ କରାଯିବା ସହ ବିହନ ବିକ୍ରି କାର୍ଯ୍ୟ ଆରମ୍ଭ ହୋଇଛି। ଇରମ ସମବାୟ ସମିତି ୬୬.୪ କୁଇଣ୍ଟାଲ, ବାଲିମେଦ ସମିତି ୪୦ ଓ ସୁରେଶ୍ୱରପୁର ସମିତି ୧୦ କୁଇଣ୍ଟାଲ ବିହନ ଚାଷୀଙ୍କ ନିମନ୍ତେ ଉଠାଣ କରିଛନ୍ତି। ସେହିପରି ଆଖଣ୍ଡଳମଣି ସିଡ୍ସ ୫୧ କୁଇଣ୍ଟାଲ, ଭୂୟାଁ ସିଡ୍ସ ଷ୍ଟୋର ୧୩୦, ଦୋକାନୀ ଓମ୍‌ପ୍ରକାଶ ପଣ୍ଡା ୬୫, ଅନନ୍ତ ଏଣ୍ଟରପ୍ରାଇଜ୍ସ ୧୦, ପର୍ଶୁରାମ ମହାନ୍ତି ୨୦, ପ୍ରହ୍ଲାଦ ମଣ୍ଡଳ ୨୭ ଓ ଜୟନ୍ତ ଫର୍ଟିଲାଇଜର୍ସ ୧୧ କୁଇଣ୍ଟାଲ ମୋଟ ୪୩୦.୪ କୁଇଣ୍ଟାଲ ଧାନ ବିହନ ବିକ୍ରି ପାଇଁ ଯୋଗାଣ ହୋଇଛି। ଏହି ଧାନ ବିହନର ମୂଲ୍ୟ କୁଇଣ୍ଟାଲ ପିଛା ୩୫୦୭ ଟଙ୍କା ରଖାଯାଇଛି। ଯେଉଁ ଧାନ ବିହନ ଉତ୍ପାଦନ

### ବ୍ଲକ ପାଇଁ ୧୫୪୦ କୁଇଣ୍ଟାଲ ଆବଶ୍ୟକ

ହେବାର ୧୦ ବର୍ଷ ଅତିକ୍ରାନ୍ତ କରିଛି ତାହା ଉପରେ ୧୧୨୭ ଟଙ୍କା ସବ୍‌ସିଡ୍ ଚାଷୀଙ୍କ ଆକାଉଣ୍ଟକୁ ପ୍ରଦାନ କରାଯିବ। ସେହିପରି ଯେଉଁ ବିହନ ଉତ୍ପାଦନ ହେବାର ୧୦ ବର୍ଷରୁ ଅଧିକ ହୋଇନାହିଁ ତାହା ଉପରେ ୧୪୫୭ ଟଙ୍କାର ସବ୍‌ସିଡ୍ ଚାଷୀମାନେ ପାଇପାରିବେ।

ଚଳିତବର୍ଷ କୃଷି ବିଭାଗ ପକ୍ଷରୁ ଏମ୍‌ଟିୟୁ ୭୦୨୯ କିସମର ସ୍ୱର୍ଣ୍ଣ ବିହନ ୯୨ କୁଇଣ୍ଟାଲ, ଏସ୍‌ୟୁବି(୧) ବିହନ ୪୫ କୁଇଣ୍ଟାଲ, ପୂଜା ବିହନ ୧୫ କୁଇଣ୍ଟାଲ, ସିଆର୍ ୧୦୦୯ କିସମ ବିହନ ୧୭ କୁଇଣ୍ଟାଲ, ଏମ୍‌ଟିୟୁ ୧୦୦୧ କିସମ ବିହନ ୧୪୫ କୁଇଣ୍ଟାଲ, ଏମ୍‌ଟିୟୁ ୧୦୭୫ କିସମ ବିହନ ୨୦ କୁଇଣ୍ଟାଲ ଓ କଳାଚମ୍ପା ୯୬.୪୦ କୁଇଣ୍ଟାଲ ଚାଷୀଙ୍କ ଉଦ୍ଦେଶ୍ୟରେ ପ୍ରଥମ ପର୍ଯ୍ୟାୟରେ ଆସିଥିବା ବ୍ଲକ କୃଷି ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲିକ ସୂଚନା ଦେଇଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଆବଶ୍ୟକ ମୁତାବକ ଧାର୍ଯ୍ୟ ଧାନ ବିହନ ଠିକଣା ସମୟରେ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ଆକ୍ରୋଶର ଶିକାର ହେଲେ ଲୋକପାଳ

### ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କୋଷ୍ଟ କେନାଲ କାମ

**ବାହାନଗା, ୧୦।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକରେ ଏମ୍‌ଜିଏନଆରଇଜିଏସ୍(ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା)ରେ ହୋଇଥିବା କୋଷ୍ଟକେନାଲ କାମକୁ ତଦନ୍ତ କରିବାକୁ ଆସି ଜିଲା ଲୋକପାଳ ଅଧିକାରୀ ଶ୍ରମିକମାନଙ୍କ ଆକ୍ରୋଶର ଶିକାର ହୋଇ ଫେରିଛନ୍ତି। କୋଷ୍ଟ କେନାଲ ଖନନ ଏମ୍‌ଜିଏନଆରଇଜିଏସ୍‌ରେ ହୋଇଥିଲେ ମଧ୍ୟ ସେଥିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଆସୁଥିଲା। ଏନେଇ ଧରିତ୍ରୀରେ କୋଷ୍ଟ କେନାଲ ପୋତାଯାଇ ରାସ୍ତା ନିର୍ମାଣ ଶୀର୍ଷକ ଏକ ରିପୋର୍ଟ ମେ' ୨୪ ତାରିଖରେ ପ୍ରକାଶ ପାଇଥିଲା। ଏହି ଅଭିଯୋଗ ପରେ ସେତେବେଳେ ଜିଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଚାମୁଣ୍ଡା କୁଜୁର ତଦାରଖ କରିବାକୁ ଆସି ଡ୍ରୋନ କ୍ୟାମେରାରେ ଫଟୋ ଉତ୍ତୋଳନ କରି ଜିଲାପାଳଙ୍କୁ ଦେଖାଇଥିଲେ। ଅଭିଯୋଗ ପରେ ପୁଣି ଶୁକ୍ରବାର ଜିଲା ସଦରରୁ ଲୋକପାଳ ଅଧିକାରୀ ହରିଶ୍ ବାବୁ ତଦାରଖ କରିବାକୁ ଆସିଥିବା ବେଳେ ଗ୍ରାମବାସୀ କାମ କରି ମଜୁରି ପାଇ ନ ଥିବା ଶ୍ରମିକମାନଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଖରାସାହାପୁର ଛକ ଓ ଅଭଣାଠାରେ ଶ୍ରମିକ ଓ ଗ୍ରାମବାସୀ ଅଟକାଇ ମଜୁରି ପାଇ ନ ଥିବା କହି ଘେରିଥିଲେ। ଫଳରେ ଲୋକପାଳ ଅଧିକାରୀ କୋଷ୍ଟ କେନାଲକୁ ତଦନ୍ତ କରିବାକୁ ନ ଯାଇ ରାସ୍ତାରୁ ଫେରିଯାଇଥିଲେ।

## ସଂକ୍ଷେପରେ

### ମୋବାଇଲ ଟାୱାର କାଟି ଯନ୍ତ୍ରାଂଶ ବିକ୍ରି, ଜଣେ ଗିରଫ

ଢେଙ୍କିକୋଟ, ୧୦।୬ (ଡି.ଏନ.ଏ)-କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଧୁବାପାଟଣା ଗ୍ରାମରେ ଏକ ଘରୋଇ କମ୍ପାନୀର ମୋବାଇଲ ଟାୱାରକୁ କାଟି ଲୁହା ଏବଂ ଯନ୍ତ୍ରାଂଶ ବିକ୍ରି କରିଥିବା ଅଭିଯୋଗରେ ଘଟଗାଁ ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗ୍ରାମର ଫୋକିର ମହାନ୍ତ। ସୂଚନା ଅନୁଯାୟୀ ଫୋକିରଙ୍କ ଜମିରେ ଏକ ମୋବାଇଲ ଟାୱାର ସ୍ଥାପନ କରାଯାଇଥିଲା। ଜବାବ ମୁତାବକ ଦୀର୍ଘବର୍ଷ ହେଲା ଉକ୍ତ କମ୍ପାନୀ ତାଙ୍କୁ ଟଙ୍କା ଦେଇ ନ ଥିଲା। ସେ ବାରମ୍ବାର ଫୋନ ମାଧ୍ୟମରେ ଯୋଗାଯୋଗ କରି ଟଙ୍କା ଦିଅ ନଚେତ ଟାୱାର ଉଠାଇ ନେଇଯାଅ ବୋଲି କହିବା ସତ୍ତ୍ୱେ କମ୍ପାନୀ କର୍ଣ୍ଣପାତ କରି ନ ଥିଲା। ଜମିରେ ଚାଷ କରିବା ପାଇଁ ସେ ଟାୱାରର ସମସ୍ତ ଲୁହା ଏବଂ ଯନ୍ତ୍ରାଂଶକୁ କାଟି ବିକ୍ରି କରି ଦେଇଥିବା କମ୍ପାନୀ ପକ୍ଷରୁ ଘଟଗାଁ ଥାନାରେ ଅଭିଯୋଗ ହୋଇଥିଲା। ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ରାମଚନ୍ଦ୍ର ସଏ ଓ ଜୋତ୍ସ୍ନାରାଣୀ ପାତ୍ର ସଦଳବଳ ଗୁରୁବାର ଫୋକିରଙ୍କ ଘରେ ଚଢ଼ାଉ ପୂର୍ବକ ଗିରଫ କରିଥିଲେ। ଏନେଇ ଥାନାରେ ମାମଲା (ନଂ.୧୧୪/୨୨) ରୁଜୁ କରାଯାଇ ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି।

### 'ଆମ ପରିବେଶ ଆମ ଦାୟିତ୍ୱ'

ରୂପସା, ୧୦।୬(ଡି.ଏନ.ଏ.)- ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପ୍‌ସାସ୍ଥିତ ନୀଳମଣି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଜାତୀୟ ସବୁଜ ବାହିନୀ ଆନୁକୂଲ୍ୟରେ ଆମ ପରିବେଶ ଆମ ଦାୟିତ୍ୱ ସଚେତନତା କର୍ମଶାଳା ବାରାପାଳ ଉଦୟନାଥ ମହାପାତ୍ର ଉଚ୍ଚ ବିଦ୍ୟାନିକେତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ବାସୁଦେବ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଓ ସହକାରୀ ଶିକ୍ଷକ ଭବାନୀ ଶଙ୍କର ଭୋଇ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଅସନ୍ତୁଳିତ ପରିବେଶକୁ ସରସ ସୁନ୍ଦର କରିବା ପାଇଁ ବୃକ୍ଷରୋପଣ ସହ ବିଦ୍ୟୁତ ଶକ୍ତିର ଅପଚୟକୁ ରୋକିବା, ମୃତ୍ତିକା ଓ ଜଳ ସଂରକ୍ଷଣକୁ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବୃକ୍ଷରୋପଣ ଓ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଯଜ୍ଞେଶ୍ୱର ଗିରି, ରତିକାନ୍ତ ମୁର୍ମୁ, ଗୋପାଳ ଚନ୍ଦ୍ର ବାରିକ ଓ ଦୀନବନ୍ଧୁ ବାସ୍କେ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନୀଳମଣି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ, ଉଦୟନାଥ ଉଚ୍ଚ ବିଦ୍ୟାନିକେତନ ଓ ରାଧାକୃଷ୍ଣ ମଧ୍ୟ ଇଂରାଜୀ ବିଦ୍ୟାଳୟ ଛାତ୍ରୀଛାତ୍ର ଏହି କର୍ମଶାଳାରେ ଯୋଗଦେଇଥିଲେ। ଶେଷରେ ଶୁଭାଶିଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଭାଜପା ପକ୍ଷରୁ ପଛୁଆ ଜାତି ବର୍ଗର ସମ୍ମିଳନୀ

ବାଲିଆପାଳ, ୧୦।୬(ସ୍ୱ.ପ୍ର.)-ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଭାଜପାର ୮ ବର୍ଷ ପୂର୍ତ୍ତି ଉପଲକ୍ଷେ ପଛୁଆ ଜାତି ବର୍ଗର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଛୁଆ ଜାତି ବର୍ଗର ଜିଲା ସଭାପତି ଅରବିନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦୀର୍ଘ ୮ ବର୍ଷର ଲୋକାଭିମୁଖୀ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ।

# ୧୬ରେ ଭାଜପା ପକ୍ଷରୁ ବାଲେଶ୍ୱର ବନ୍ଦ ଡାକରା



ବୈଠକରେ ଭାଜପା କର୍ମକର୍ତ୍ତା।

**ବାଲେଶ୍ୱର ଅଫିସ, ୧୦।୬**

ବାଲେଶ୍ୱର ଜିଲାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପାଇଁ ସଦର ଭାଜପା ପକ୍ଷରୁ ନଗର ପୂର୍ବତନ ସଭାପତି ସୀତାକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରର ବହୁ ବୁଦ୍ଧିଜୀବୀ, ସାମାଜିକ ସଙ୍ଗଠନ ତଥା ଦଳୀୟ କାଉନସିଲର ଯୋଗଦେଇ ଦିନକୁ ଦିନ ଅପରାଧ ବଢ଼ି ଚାଲିଥିବା ବେଳେ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ କୁମ୍ଭକର୍ଣ୍ଣ ନିଦ୍ରାରେ। ଗତ ଉପନିର୍ବାଚନ ପରେ ଦେଢ଼ବର୍ଷ ମଧ୍ୟରେ ୨୭ରୁ ଅଧିକ ହତ୍ୟା, ସହସ୍ରାଧିକ ମୋବାଇଲ ଓ ଚେନ୍ ଛିନ୍‌ତାଇ, ଏଟିଏମ୍ ଲୁଟ୍ ଘଟଣାରେ ପୋଲିସ ଅପରାଧୀଙ୍କୁ ଧରି ନ ପାରିବା ପୋଲିସ ପ୍ରଶାସନର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମାତ୍ରାଧିକ ଆପରାଧିକ ଘଟଣାକୁ ଦେଖି ଭାଜପା ପକ୍ଷରୁ ଆଇଜି ଏବଂ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିବା, ଖବରଦାତା ସମ୍ମିଳନୀ କରି ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜବାବ ତଲବ କରିବା ଆଦି ନିଷ୍ପତ୍ତି ପରେ ଭାଜପା ଲୋକଙ୍କ ସ୍ୱାର୍ଥ ପାଇଁ ଏବଂ ସରକାରଙ୍କୁ କଡ଼ା ଜବାବ ଦେବା ପାଇଁ ଆସନ୍ତା ୧୬ ତାରିଖରେ ୧୨ ଘଣ୍ଟିଆ ବାଲେଶ୍ୱର ବନ୍ଦ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରିଛି। ସମସ୍ତ ସାମାଜିକ ସଙ୍ଗଠନ, ବରିଷ୍ଠ ନାଗରିକବୃନ୍ଦ ତଥା ସମସ୍ତ ଜନସାଧାରଣଙ୍କୁ ଉକ୍ତ ବନ୍ଦକୁ ସଫଳ କରିବା ପାଇଁ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ ନିବେଦନ କରିଛନ୍ତି। ବୈଠକରେ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ବରିଷ୍ଠ ନେତା ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ସୁଜିତ ଦେବ, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ବରିଷ୍ଠ ଆଇନଜୀବୀ ବିଜୟ ପାଣିଗ୍ରାହୀ, ବୈଲୋଚନ ଦାଶ, ଲକ୍ଷ୍ମୀଧର ବେହେରା, ଜୋନାଲ ମିଡ଼ିଆ ସଂଯୋଜକ ସତ୍ୟଜିତ ମିଶ୍ର, ପୂର୍ବତନ ଅର୍ବାନ ବ୍ୟାଙ୍କ ସଭାପତି ଦୁକୁଲ ଘଡ଼େଇ, କାଉନସିଲର ନିତ୍ୟଗୋପାଳ ସିଂ, ସସ୍ମିତା ନାଥ, ରୋଜାଲିନ ପାଣି, ସତ୍ୟଶିବ ସୁନ୍ଦର ଦାଶ, ନିରୁପମା ଦାଶ ଓ ଭାରତୀ ପାତ୍ର, ପୂର୍ବତନ କାଉନସିଲର ଉପେନ୍ଦ୍ର ନାଥ ଶତପଥୀ, ସରୋଜ ହାଜରା, ଦୁର୍ଗା ବେହେରା, ମନ୍ମଥ ପାତ୍ର, ଦିଲ୍ଲୀପ ମାଝୀ, ସୌଭାଗ୍ୟ ମାନସ ନାୟକ, ପବନ କମିଲା, ମନ୍ମୟ ଦାସ, ରାଜ୍ୟ ଯୁବମୋର୍ଚ୍ଚା ସହ ସଂଯୋଜକ ବିକାଶ ପାଢୀ, ସସ୍ମିତା ଶୁକ୍ଳା, ସ୍ୱର୍ଣ୍ଣପ୍ରିୟା ନାଥ, ଝରଣା ଦାସ, ନସିମା ବିବି, ଆଶାଲତା ବାଡ଼ି, ସୁଶାନ୍ତ ବର୍ଦ୍ଧନ, ବିବେକାନନ୍ଦ ରାଉତ, ବଳରାମ ପାତ୍ର, ପିଣ୍ଟୁ ପୋଦ୍ଦାର, ଜିତେନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

### ବଳରାମ ଯୋଜନାରେ ତାଲିମ

**ପଦ୍ମପୁର, ୧୦।୬ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କୃଷକ ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ବଳରାମ ଯୋଜନାରେ ତାଲିମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଭୂମିହୀନ, କ୍ଷୁଦ୍ର ଓ ଭାଗଚାଷୀମାନେ ସ୍ୱୟଂସହାୟକ ଗୋଷ୍ଠୀ ଭଳି ଗୋଷ୍ଠୀ ଗଠନ କରି ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ ଚାଷ କରିପାରିବେ। ସରକାରଙ୍କ ଏହି ଯୋଜନାରେ ଚାଷ କରୁଥିବା ସମସ୍ତ ମହିଳା ଓ ପୁରୁଷ ଚାଷୀ କୃଷି ଋଣ ପାଇପାରିବେ। ଏଥିନିମନ୍ତେ ସମଭାବାପନ୍ନ ଏକ ଗ୍ରାମ ବା ଅଞ୍ଚଳରେ ବସବାସ କରି ଚାଷ କରୁଥିବା ୫ରୁ ଅଧିକ ପୁରୁଷ କିମ୍ବା ମହିଳା ଚାଷୀ ସଂଘ ଗଠନ କରି ସ୍ଥାନୀୟ ଅଞ୍ଚଳରେ ଥିବା ବ୍ୟାଙ୍କ ବା ସେବା ସମବାୟ ସମିତିରୁ ଋଣ ପାଇବା ପାଇଁ ହକ୍‌ଦାର ହେବେ। ବ୍ଲକ କୃଷି ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ଓଡ଼ିଶା ଜୀବିକା ମିଶନ ସଂଯୋଜକ ସନ୍ତୋଷ କୁମାର ଜେନା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ଦାସଙ୍କ ସହ ବ୍ୟାଙ୍କମିତ୍ର, କୃଷିମିତ୍ର ଓ କୃଷକ ସାଥୀମାନେ ଯୋଗ ଦେଇଥିଲେ।

### ନିଆଁଖୁଣ୍ଟାରେ ମହିଳାଙ୍କୁ ମାଡ଼ ମାରି ଯୁବକ ଗିରଫ

**ସୋର, ୧୦।୬(ଡି.ଏନ.ଏ.):** ସୋର ପୌରପରିଷଦ କମରପୁରରେ ଏକ ଭଡ଼ା ଘରେ ରହୁଥିବା ଜଣେ ମହିଳାଙ୍କୁ ସେହି ଗ୍ରାମର ଜଣେ ଯୁବକ ଗୁରୁବାର ରାତିରେ ନିଆଁଖୁଣ୍ଟାରେ ମାଡ଼ମାରିବା ଫଳରେ ମହିଳା ଜଣକ ଗୁରୁତର ହୋଇପଡିଛନ୍ତି। ମହିଳାଙ୍କ ଅଭିଯୋଗକୁ ଭିତ୍ତି କରି ସୋର ପୋଲିସ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସିମୁଳିଆ ଥାନା ରଘୁନାଥପୁର ଗ୍ରାମର ଏକ୍ରାମ ଖାନ୍‌ଙ୍କ ପୁଅ ଇମ୍ରାନ ଖାନ୍ ଗୁରୁବାର ରାତିରେ କମରପୁରରେ ରହୁଥିବା ସେହି ଗ୍ରାମର ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କ ଘରେ ପହଞ୍ଚି କୌଣସି କାରଣରୁ ତାଙ୍କ ସହିତ ଝଗଡ଼ା କରିଥିଲେ। ଫଳରେ ଇମ୍ରାନ୍ ଉତ୍‌କ୍ଷିପ୍ତ ହୋଇ ଚୁଲିରେ ଜଳୁଥିବା ନିଆଁଖୁଣ୍ଟା କାଢ଼ି ଆଣି ମହିଳାଙ୍କ ମୁଣ୍ଡରେ ପିଟିଥିଲେ। ସ୍ଥାନୀୟ ଲୋକେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୋର ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ଅଭିଯୋଗ ପରେ ପୋଲିସ୍ ଏକ ମାମଲା(ନଂ.୨୮୦/୨୨) ରୁଜୁ କରି ତଦନ୍ତ କରିଥିଲା।

# ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ୍ ଲାଗି ପ୍ରସ୍ତୁତି ବୈଠକ

**ବାଲେଶ୍ୱର ଅଫିସ, ୧୦।୬**

ସମ୍ଭାବ୍ୟ ବନ୍ୟା ଓ ବାତ୍ୟାକୁ ଆଖି ଆଗରେ ରଖି ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହାୟତାରେ ଆସନ୍ତା ୧୮ ଓ ୧୯ ତାରିଖରେ ହେବାକୁ ଥିବା ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀରେ ମକଡ୍ରିଲ ଓ ଟେବୁଲ ଟପ ଏକ୍ସରସାଇଜ ପାଇଁ ଜିଲାସ୍ତରୀୟ ପ୍ରାକ୍ ପ୍ରସ୍ତୁତି ବୈଠକ ଜିଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲା ଜରୁରୀକାଳୀନ ଅଧିକାରୀ ରିଜୱାନା କଅକବ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜିଲା ପ୍ରକଳ୍ପ ଅଧିକାରୀ ନିମାଇଁ ଚରଣ ଦାସ ମକଡ୍ରିଲ ପାଇଁ ଜିଲା ଓ ଗୋଷ୍ଠୀସ୍ତରୀୟ ବିଭିନ୍ନ ଅଧିକାରୀ, ସ୍ୱେଚ୍ଛାସେବୀ ସଙ୍ଗଠନ ଓ ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀଗୁଡିକର ସଭାପତି ଓ ସଚିବମାନଙ୍କର ଭୂମିକା ବିଷୟରେ ସମସ୍ତଙ୍କୁ ଜଣାଇଥିଲେ। ଏହି କର୍ମଶାଳାରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅତିରିକ୍ତ ଜିଲାପାଳ ଭବେଶ ଚନ୍ଦ୍ର ନାୟକ ଉପସ୍ଥିତ ସମସ୍ତ ଅଧିକାରୀ ଓ ସଭ୍ୟମାନଙ୍କ ସହିତ ମକଡ୍ରିଲ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ଜିଲା ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷର ଜିଲା ସଂଯୋଜକ ପ୍ରଦୀପ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସରପଞ୍ଚଙ୍କୁ ମିଳୁନି ପଞ୍ଚାୟତ ଦାୟିତ୍ୱ

**ଯୋଡ଼ା, ୧୦।୬(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅଧୀନ ଚମକପୁର ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚଙ୍କୁ ଗ୍ରାମ ପଞ୍ଚାୟତର ଦାୟିତ୍ୱ ହସ୍ତାନ୍ତର କରାଯାଇ ନ ଥିବା ନେଇ ଜିଲାପାଳଙ୍କଠାରେ ଅଭିଯୋଗ ହୋଇଛି। ସରପଞ୍ଚ ଶକୁନ୍ତଳା ନାଏକ ତାଙ୍କ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେ ଚମକପୁର ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ୨୦୨୨ ମାର୍ଚ୍ଚ ୧୧ ତାରିଖରେ ନବ ନିର୍ବାଚିତ ସରପଞ୍ଚଙ୍କୁ ପଞ୍ଚାୟତର ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ସରକାରୀ ନିର୍ଦ୍ଦେଶନାମା ରହିଥିଲା। ତେବେ ଉକ୍ତ ପଞ୍ଚାୟତର ନିର୍ବାହୀ ଅଧିକାରୀ

### ଜିଲାପାଳଙ୍କଠାରେ ଅଭିଯୋଗ

ଓ ପୂର୍ବତନ ସରପଞ୍ଚ ସିଏଏଫ୍‌ସି/ ଏସ୍‌ଏଫ୍‌ସି କ୍ୟାସ ବହି ଲେଖା ଆକାରରେ ୧୧।୩।୨୦୨୨ରେ ଦାୟିତ୍ୱ ହସ୍ତାନ୍ତର କରିଥିବା ବେଳେ ସାଧାରଣ କ୍ୟାସ ବହି, ପିଡିଏସ୍ କ୍ୟାସ୍ ବହି ଓ ଭତ୍ତା ବଣ୍ଟନ କ୍ୟାସ୍ ବହିର ଦାୟିତ୍ୱ ତାଙ୍କୁ ହସ୍ତାନ୍ତର କରାଯାଇ ନାହିଁ । ଏ ନେଇ ସେ ଯୋଡ଼ା ବିଡିଓଙ୍କୁ ଜଣାଇବା ପରେ ବିଡିଓ ଚିଠି ସଂଖ୍ୟା ୧୧୪୩ ତା୨୨।୩।୨୦୨୨ରିଖରେ ପୂର୍ବତନ ସରପଞ୍ଚ ଓ ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗଣେଶ୍ୱର ପ୍ରଧାନଙ୍କୁ ବର୍ତ୍ତମାନ ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀ ବିଦ୍ୟାଧର ପାତ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବିଡିଓଙ୍କ ଏହି ଆଦେଶକୁ ଅମାନ୍ୟ କରି ଅଦ୍ୟାବଧି ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇ ନାହିଁ। ଫଳରେ ସାଧାରଣ ବଣ୍ଟନରେ ବହୁ ଅସୁବିଧା ହେବା ସହ ହିତାଧିକାରୀମାନେ ଖାଉଟି ଦ୍ରବ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ସେ ଆହୁରି ମଧ୍ୟ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ପିଡିଏସ୍ ଓ ଭତ୍ତା ବଣ୍ଟନରେ ଅନିୟମିତତା ହୋଇଥିବାରୁ ତାଙ୍କୁ ସାଧାରଣ କ୍ୟାସ ବହି, ପିଡିଏସ୍ କ୍ୟାସ୍ ଭତ୍ତା ବଣ୍ଟନ କ୍ୟାସ ବହି ହସ୍ତାନ୍ତର କରାଯାଉ ନାହିଁ। ଏଣୁ ପ୍ରଶାସନିକସ୍ତରରେ ଏହାର ସରଜମିନ ତଦନ୍ତ କରିବାକୁ ସରପଞ୍ଚ ନାଏକ ଜିଲାପାଳଙ୍କଠାରେ ନିବେଦନ କରିଛନ୍ତି।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ଶୋଭାଯାତ୍ରା

**ବାରିପଦା ଅଫିସ, ୧୦।୬**

ମୟୂରଭଞ୍ଜ ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ଆନୁକୂଲ୍ୟରେ ଶିଶୁ ଶ୍ରମିକ ରୋକିବା ଓ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସୁଚାରୁ କୁମାର ବଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ସହିତ ଶିଶୁ ଶ୍ରମିକ ରୋକିବା ଦିଗରେ ସଚେତନତା ବାର୍ତ୍ତା ପ୍ରଦାନ କରିଛନ୍ତି। ହେଟେଲ, ଢାବା, ଦୋକାନ ଓ ବିଭିନ୍ନ ଅନୁଷ୍ଠାନମାନଙ୍କରେ କାର୍ଯ୍ୟ କରୁଥିବା ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରି ସର୍ବ ଶିକ୍ଷା ଅଭିଯାନରେ ସାମିଲ କରି ସୁନ୍ଦର ଭବିଷ୍ୟତ ଗଢିବା ଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଫଳରେ ଜିଲାର ବିଭିନ୍ନ ସ୍ଥାନରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି । କେବଳ ଶିଶୁ ଶ୍ରମିକ ଦିବସ ପାଳନ ପୂର୍ବକ ନିଜର କର୍ତବ୍ୟ ସମ୍ପାଦନ କରି ଚାଲିଥିବା ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ଏଭଳି କାର୍ଯ୍ୟକ୍ରମ ଲୋକ ଦେଖାଣିଆ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତ। ଜିଲାପାଳଙ୍କଠାରୁ ବାହାବା ନେବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏଭଳି କାର୍ଯ୍ୟକ୍ରମ ପାଳନକୁ ସାଧାରଣରେ ନାପସନ୍ଦ କରାଯାଇଛି। ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରି ଥଇଥାନ କରାଗଲେ ଦିବସର ପ୍ରକୃତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧିତ ହୋଇପାରିବ ବୋଲି ମତପ୍ରକାଶ ପାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ଜରୁରୀକାଳୀନ ଅଧିକାରୀ ସୁଜୟ କୁମାର ପତି, ଜିଲା ଶ୍ରମ ଅଧିକାରିଣୀ ମୋନାଲିସା ନାୟକ, ଜିଲା ଶିକ୍ଷାଧିକାରୀ ନବ କିଶୋର ଗିରିଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଗାୟତ୍ରୀ ଜୟନ୍ତୀ, ବୃକ୍ଷଗଙ୍ଗା ଅଭିଯାନ

**ବାହାନଗା, ୧୦।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଗାୟତ୍ରୀ ପରିବାର ତରଫରୁ ଶୁକ୍ରବାର ଗାୟତ୍ରୀ ଜୟନ୍ତୀ ଅବସରରେ ବିଶାଳ 'ବୃକ୍ଷ ଗଙ୍ଗା ଅଭିଯାନ' ଗୋପାଳପୁର ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି। ମସ୍ତକରେ ବୃକ୍ଷ ଦେବତାଙ୍କୁ ଧାରଣ କରି ଶତାଧିକ ଭଉଣୀ ଭାଇ ଓ ଛାତ୍ରୀଛାତ୍ରମାନେ ଏକ ବିରାଟ ପଟୁଆରରେ ବାଜୀପୁର ଗାୟତ୍ରୀ ଶକ୍ତିପୀଠରୁ ବାହାରି ପାଇକାସ୍ତା ଗ୍ରାମ ମଧ୍ୟଦେଇ ଗୋପାଳପୁର ବଜାର ପରିକ୍ରମା କରିଥିଲେ। ଗଛ ଲତାଗୁଡିକର ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ବିଶ୍ୱ ଗାୟତ୍ରୀ ପରିବାର ଏହି ନିଆରା 'ବୃକ୍ଷଗଙ୍ଗା ଅଭିଯାନ' ସମସ୍ତଙ୍କ ମନଭିତରେ ଏକ ଜାଗରଣ ସୃଷ୍ଟି କରିଛି। ନିଜ ନିଜ ବାଡ଼ି ବଗିଚାରେ ଗଛ ଲଗାଇ ବାୟୁ ପ୍ରଦୂଷଣ ଏବଂ ଅଭାବୀ ବର୍ଷାକୁ ନିୟନ୍ତ୍ରଣ କରିବା ଏହାର ଲକ୍ଷ୍ୟ ବୋଲି ଗାୟତ୍ରୀ ପରିବାର ଜିଲା ସଂଯୋଜକ ଶ୍ରୀମାନ ବଳରାମ ଜେନା, ଅଜୟ କୁମାର ପଣ୍ଡା, ରେବତୀବାଳା ପଣ୍ଡା, ଅନ୍ତର୍ଯ୍ୟାମୀ ପଣ୍ଡା ଓ କାର୍ତ୍ତିକ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ବାହାନଗା ବ୍ଲକ ଚେୟାରମ୍ୟାନ ବିଶନାଥ ମିଶ୍ର, ଗୋପାଳପୁର ସରପଞ୍ଚ ତୁଷାରକାନ୍ତି ମହାପାତ୍ର, ବ୍ଲକ ସିଡିପିଓ ବାସନ୍ତୀ ମଇଁ, ସାମାଜିକ କର୍ମୀ ସବିତା ଅଗସ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପଞ୍ଚକୁଣ୍ଡୀୟ ବିଶଶାନ୍ତି ଗାୟତ୍ରୀ ମହାଯଜ୍ଞ ମାଧ୍ୟମରେ ସଙ୍କଳ୍ପିତ କରି ୧୦୮ ବୃକ୍ଷ ଚାରା ପ୍ରଦାନ କରାଯାଇଥିଲା । ଏହି ବୃକ୍ଷ ଗଙ୍ଗା ଅଭିଯାନରେ ମନ୍ମଥ କୁମାର ପାଢ଼ୀ, ହିମାଂଶୁ ମହାପାତ୍ର, ପ୍ରଦୀପ କୁମାର ମଣ୍ଡଳ, ହିମାନୀ ଦାସ, ଚିତ୍ତରଞ୍ଜନ ସେଠୀ, ପ୍ରଫୁଲ୍ଲ ରଣା, କାର୍ତ୍ତିକ ଚନ୍ଦ୍ର ରଣା, ବିନୋଦ ମହାପାତ୍ର, କ୍ଷୀରୋଦ କୁମାର ଦାଶ, ପ୍ରଜ୍ଞା ପ୍ରଭା ପଣ୍ଡା, ସୌମ୍ୟା କର, ସଙ୍ଗୀତା ସେଠୀ, ରତିକାନ୍ତ ବେହେରା, ବିଶ୍ୱନାଥ ମଣ୍ଡଳ, ଗଣେଶ ମହାପାତ୍ର ଓ ସଂଯୋଲତା ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।


ଗାୟତ୍ରୀ ପରିବାର ପକ୍ଷରୁ ପିଲାମାନେ ମୁଣ୍ଡରେ ଚାରା ରଖି ଶୋଭାଯାତ୍ରା କରୁଛନ୍ତି।

# ଯୋଜନା ବିଷୟରେ ପ୍ରାଣୀପାଳକ ଅଜ୍ଞ

**ଉତ୍କଳବନ୍ଧୁ ପଣ୍ଡା**
**ଖଇରା, ୧୦।୬**

ବେକାରୀମାନଙ୍କୁ ଉଭୟ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବେ ସ୍ୱାବଲମ୍ବୀ କରିବାକୁ ସରକାର ବହୁ ଯୋଜନା ପ୍ରଣୟନ କରୁଛନ୍ତି। ହେଲେ ପ୍ରଚାର, ପ୍ରସାର ଅଭାବରୁ ଆବେଦନ ଓ ଯୋଜନା କାର୍ଯ୍ୟକାରୀ ପାଇଁ ରହିଥିବା କଟକଣା ପାଇଁ ଯୋଜନାର ସଫଳ ରୂପାୟନ ହୋଇ ପାରୁ ନ ଥିବା ଅଭିଯୋଗ ହୋଇଛି। ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ କୁକୁଡା ଓ ଛେଳି ପାଳନରୁ ଲାଭବାନ ହେବା ପାଇଁ ୨୦୨୧-୨୨ରୁ ପ୍ରଣୟନ କରାଯାଇଥିବା ଯୋଜନା ବାଲେଶ୍ୱର ଜିଲା ଖଇରା ବ୍ଲକରେ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। କେବଳ ଆବେଦନ ବ୍ୟତୀତ ଜଣେ ହେଲେ ହିତାଧିକାରୀ ଉପକୃତ ହୋଇ ନ ଥିବାର କୁହାଯାଉଛି। ବର୍ତ୍ତମାନ ବେକାର ଯୁବତୀଯୁବକଙ୍କ ସଂଖ୍ୟା ଆଶାତୀତ ଭାବେ ବଢୁଥିବାରୁ ବ୍ୟାପକ ପ୍ରସାର ପ୍ରଚାର ମାଧ୍ୟମରେ ସେମାନଙ୍କ ନିକଟରେ ଏହି ଲାଭଦାୟକ ଯୋଜନା ପହଞ୍ଚାଇବାକୁ ଦାବି ହୋଇଛି।

ବ୍ୟକ୍ତିଗତ ଭାବେ ବ୍ରଏଲର ଓ ଲେୟାର କୁକୁଡା ପାଳନ ପାଇଁ ଅର୍ଥ ପ୍ରଦାନ ବ୍ୟବସ୍ଥା କରାଯାଇଛି । ୫ଶହ ବ୍ରଏଲର ପାଇଁ ପ୍ରକଳ୍ପ ମୂଲ୍ୟ ୧ଲକ୍ଷ ୮୦ହଜାର ଟଙ୍କା ରହିଥିବା ବେଳେ ଏଥିରେ ରିହାତି ୭୨ହଜାର ଟଙ୍କା ରହିଛି । ଫାର୍ମ ତିଆରି ପାଇଁ ୨୮ହଜାର, ବାକି ଅର୍ଥ କୁକୁଡା କିଣିବା ବାବଦରେ ବିନିଯୋଗର ବ୍ୟବସ୍ଥା ରହିଛି । ସେହିଭଳି ୧ହଜାର ଲେୟାର କୁକୁଡା ପାଇଁ ପ୍ରକଳ୍ପ ମୂଲ୍ୟ ୭ଲକ୍ଷ ୫୯ହଜାର ୨ଶହ ଥିବା ବେଳେ ୩ ପର୍ଯ୍ୟାୟରେ ୩ଲକ୍ଷ ୩ହଜାର ଟଙ୍କାର ରିହାତି ବ୍ୟବସ୍ଥା ରହିଛି । ଫାର୍ମ ତିଆରି ପାଇଁ ୯୦ହଜାର ଏବଂ ବାକି ଅର୍ଥ କୁକୁଡା କିଣାରେ ବ୍ୟବହାର କରାଯିବାକୁ ଉଲ୍ଲେଖ ରହିଛି । ୨୦୨୨-୨୩ ବର୍ଷରେ ଏପର୍ଯ୍ୟନ୍ତ ମାତ୍ର ୨୮ଜଣ ବ୍ରଏଲର ଏବଂ ୩ଜଣ ଲେୟାର କୁକୁଡା ପାଳନ ପାଇଁ ଆବେଦନ କରିଛନ୍ତି୧ ଏହାଛଡା ମହିଳା ସ୍ୱୟଂ ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରାଯିବାକୁ ପର୍ଯ୍ୟାପ୍ତ ବ୍ୟବସ୍ଥା ରହିଛି। ୧ ହଜାର


ଖଇରା ପ୍ରାଣୀ ଚିକିତ୍ସା ସହାୟତା କେନ୍ଦ୍ର।

### ପ୍ରଚାର ପ୍ରସାର ଅଭାବ

ଲେୟାର କୁକୁଡା ପାଳନ ପାଇଁ ପ୍ରକଳ୍ପ ମୂଲ୍ୟ ୩ଲକ୍ଷ ୬୦ହଜାର ଟଙ୍କା ଏବଂ ୧ଲକ୍ଷ ୪୪ହଜାର ଟଙ୍କାର ରିହାତି ପ୍ରଦାନ ବ୍ୟବସ୍ଥା ରହିଛି । ସେହିଭଳି ଛେଳି ପାଳନ ପାଇଁ ମଧ୍ୟ ପର୍ଯ୍ୟାପ୍ତ ସୁଯୋଗ ରହିଛି । ୩୨ ଛେଳି ପାଳନ ପାଇଁ ମୋଟ ପ୍ରକଳ୍ପ ୨ଲକ୍ଷ ୩୦ହଜାର ଟଙ୍କା ରହିଥିବା ବେଳେ ୧ଲକ୍ଷ ୧୫ହଜାର ଟଙ୍କାର ରିହାତି ବ୍ୟବସ୍ଥା ରହିଛି । ୨୦୨୧-୨୨ରୁ ଏହି ଯୋଜନା ଆରମ୍ଭ ହୋଇଛି। ୨ବର୍ଷ ମଧ୍ୟରେ ମାତ୍ର ୧୪ଟି ଗୋଷ୍ଠୀ ଏହି ଯୋଜନା ପାଇଁ ଆବେଦନ କରିଛନ୍ତି। ପ୍ରଚାର ପ୍ରସାର ଠିକ୍ ଭାବେ ହେଉ ନ ଥିବାରୁ ଯୋଜନାଗୁଡିକର ପ୍ରକୃତ ସୁଫଳ ଆଶାୟୀ ପ୍ରାଣୀପାଳକଙ୍କ ନିକଟରେ ପହଞ୍ଚିପାରୁନାହିଁ ବୋଲି ଡୁଙ୍ଗୁରା ଅଞ୍ଚଳର କୃଷକ ନେତା ବିଶ୍ୱନାଥ ସେଣ୍ଡ କହିଛନ୍ତି । ଆଗ୍ରହୀ ପ୍ରାଣୀମାଲିକମାନଙ୍କ ପାଖରେ କିଭଳି ସୁବିଧା ପହଞ୍ଚିପାରିବ ଉଦ୍ୟମ ଜାରି ରଖିଥିବା କହିଛନ୍ତି ।

